RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -118 ସଂଖ୍ୟା-୧୧୮
ଭୁବନେଶ୍ୱର, ଗୁରୁବାର ୧୭, ଜୁଲାଇ ୨୦୨୫
Bhubaneswar, Thursday, 17 July, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ରଣକ୍ଷେତ୍ର ପାଲଟିଲା ଲୋୟର ପିଏମଜି








## ପୋଲିସ ସହ ମୁହାଁମୁହିଁ ହେଲା ବିଜେଡି
## ଶତାଧିକ ବିଜେଡି କର୍ମୀ ଗିରଫ
## ପୋଲିସର ଲୁହାବୁହା ଗ୍ୟାସ୍ ଓ ପାଣି ମାଡ଼
## ଆହତ ହେଲେ ବିଜେଡିର ବଡ ବଡ ନେତା
### ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କଲା ଯୁବ କଂଗ୍ରେସ

ଭୁବନେଶ୍ୱର, ୧୬।୭(ନି.ପ୍ର.): ଫକୀରମୋହନ କଲେଜ ଛାତ୍ରୀଙ୍କ ମୃତ୍ୟୁକୁ ସାରା ରାଜ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି । ତେଜୁଛି ଆନ୍ଦୋଳନ । ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧି । ଲୋୟର ପିଏମଜିରେ ପୁଲିସ୍- ବିଜେଡି ମୁହାଁମୁହିଁ ପରିସ୍ଥିତି ଉପୁଜିଛି । ବିଜେଡିର ଲୋକସେଭା ଭବନ ଘେରାଉ ଉଦ୍ୟମ ବେଳେ ଉପୁଜିଛି ଆନ୍ଦୋଳନ । ବିଜେଡି କର୍ମୀଙ୍କ ଉପରକୁ ପାଣି ମାଡ ସହ ଲୁହାବୁହା ଗ୍ୟାସ୍ କରିଛି ପୁଲିସ୍ । ବିଜେଡି କର୍ମୀ କଲେଜ ଛାତ୍ରୀ ମୃତ୍ୟୁ ମାମଲାରେ ନ୍ୟାୟ ଦାବି କରି ମୋହନ ସରକାରଙ୍କୁ ଅକଳରେ ପକାଇବାକୁ ପ୍ରତିବାଦ କରିଥିଲେ ବି ପୋଲିସ ସହ ପ୍ରଥମ ମୁହାଁମୁହିଁ ହୋଇଥିଲେ । ପାଣି ମାଡ଼ କରି ପୋଲିସ ଶତାଧିକ ବିଜେଡି କର୍ମୀଙ୍କୁ ଅଟକାଇବାକୁ ଚେଷ୍ଟା କରିଥିବା ବେଳେ ସ୍ଥିତି ଭୟାବହ ହେବାରୁ ଲୁହବୁହା ଗ୍ୟାସ ସହ ରବର ବୁଲେଟ୍ ମାଡ କରିଥିଲା । ଯେଉଁଥିରେ ଆହତ ହୋଇଛନ୍ତି ବିଜେଡିର ବଡ ବଡ ନେତା । ବବି ଦାସ, ଡାନି ଘଡେଇ, ସୁଲତା ଦେଓ, ପ୍ରମିଳା ମଲ୍ଲିକ, ସୁନିଲ ମହାନ୍ତି, ବିଶ୍ୱ ମଲ୍ଲିକ, ଜିତୁ ବଳବନ୍ତରାୟ, ସଞ୍ଜୀବ ମଲ୍ଲିକ ପରି ନେତା ଆହତ ହୋଇ ବିଭିନ୍ନ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ବବି ଦାସଙ୍କୁ ଆପୋଲର ଆଇସିୟୁରେ ଭର୍ତ୍ତି କରାଯାଇଛି ।

ଆନ୍ଦୋଳନ କାରୀଙ୍କୁ ଉଠାଇନେଇଛି ପୁଲିସ୍ । ଶତାଧିକ ବିଜେଡି କର୍ମୀ ଅଟକ ଥିବା ସୂଚନା ।ଏଫ୍ଏମ୍ କଲେଜ୍ ଛାତ୍ରୀ ମୃତ୍ୟୁ ଘଟଣାରେ ପ୍ରତିବାଦ ତୀବ୍ର ରୂପ ଧାରଣ କରିଛି । ଆନ୍ଦୋଳନ ତୀବ୍ର ହେବାରୁ ପୁଲିସ ଲୁହବୁହା ଗ୍ୟାସ ମଧ ପ୍ରୟୋଗ କରିଛି । କିଛି ଆନ୍ଦୋଳନକାରୀଙ୍କୁ ପୁଲିସ ଜୋର ଜବରଦସ୍ତ ଉଠାଇ ନେଇଛି । ଆନ୍ଦୋଳନକାରୀଙ୍କ ଦାବି ରହିଛି କି ମୃତ ଛାତ୍ରୀଙ୍କ ପରିବାରକୁ ୨୦ ଲକ୍ଷ ନୁହେଁ ରାଜ୍ୟ ସରକାର ୨ କୋଟି ଟଙ୍କା ସହାୟତା ପ୍ରଦାନ କରନ୍ତୁ । ଏହାସହ ଉଚ୍ଚଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଇସ୍ତଫା ଦିଅନ୍ତୁ । ଘଟଣାର ବିଚାରବିଭାଗୀୟ ତଦନ୍ତ ହେଉ । ଏସବୁ ସହ ସରକାର ରାଜରାସ୍ତାରେ ଆଣ୍ଠୁମାଡ଼ି ନିଜର ଭୁଲ ପାଇଁ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ବିଜେଡ଼ି ଦାବି କରିଛି ।

ସେପଟେ ଅରୁଣ ସାହୁଙ୍କ ସମେତ ଶତାଧିକ ବିଜେଡି କର୍ମୀଙ୍କୁ ଉଠାଇ ନେଲା ପୁଲିସ । ଏଫ୍ଏମ୍ କଲେଜ ଛାତ୍ରୀ ମୃତ୍ୟୁ ମାମଲାରେ ତ୍ରୀବ୍ର ହେଉଛି ପ୍ରତିବାଦ । ଫକୀରମୋହନ କଲେଜ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଆନ୍ଦୋଳନ ଏବଂ ପ୍ରତିବାଦ ।ବିରୋଧୀ ବିଜେଡି ଆଜି ଏହି ପ୍ରସଙ୍ଗରେ ବାଲେଶ୍ୱର ବନ୍ଦ ଡାକରା ଦେବା ସହ ଭୁବନେଶ୍ୱରର ଲୋକସେବା ଭବନ ଘେରାଉ କରିଛି ।

ହଜାର ହଜାର ବିଜେଡି କର୍ମୀ ଶୋଭାଯାତ୍ରାରେ ଆସି ଲୋକସେବା ଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଲୋକସେବା ଭବନ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ । ପୁଲିସ ଓ ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିବା ବେଳେ ବିଜେଡି କର୍ମୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଛନ୍ତି । ଏହାସହ ଆନ୍ଦୋଳନକାରୀଙ୍କୁ ଅଟକାଇବାକୁ ପୋଲିସ ପାଣିମାଡ଼ କରୁଥିବା ଦେଖିବାକୁ ମିଳିଛି । ଗୋଟେ ପଟେ ଲୋୟର ପିଏମଜିରେ ବିଜେଡି ବିଜେପି ସରକାରଙ୍କ ବିରୋଧରେ ନାରାବାଜି ଲଗାଉଥିବା ବେଳେ ଅନ୍ୟପଟେ ବିନା ପ୍ରସ୍ତୁତିରେ ହଠାତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଥିଲା ଯୁବ କଂଗ୍ରେସ । ପୋଲିସ ପାଇଁ ଯଦିଓ ବିଜେଡିର ପ୍ରତିବାଦ ଖବର ପୂର୍ବରୁ ଥିଲା ମାତ୍ର ଯୁବ କଂଗ୍ରେସର ଅତର୍କିତ ଆଗମନ ପୋଲିସ ପାଇଁ ଆଉଟ୍ ଅଫ୍ ସିଲାବସ୍ ଥିଲା । ତେବେ ଯୁବ କଂଗ୍ରେସ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଏବଂ ମୋହନ ସରକାରଙ୍କୁ ନିଦରୁ ଉଠାଇବା ପାଇଁ ବାଜା ବଜାଇ ଗୀତ ଗାଇ ପ୍ରତିବାଦ କରାଯାଉଥିବା କହିଛନ୍ତି ଯୁବ କଂଗ୍ରେସର ଜଣେ କର୍ମୀ । ତେଣେ ବାମପନ୍ଥୀ ଦଳ ମଧ୍ୟ ହଠାତ ଆସି ଲୋୟର ପିଏମଜିରେ ନାରାବାଜି ଲଗାଇଛନ୍ତି ।

ସେପଟେ ରାଜା ସ୍ୱାଇଁଙ୍କ ନେତୃତ୍ୱରେ ବିଜେଡି ସଦସ୍ୟ ଲୋକସେବା ଭବନରେ ପଶିଥିବା ବେଳେ ବିଧାନସଭା ବାହାରେ ଓ ଭିତରେ ପ୍ରତିବାଦ ଜାରି ରହିବ ବୋଲି ସେ କହିଛନ୍ତି । ଦୁଇ ଦଳର ଆନ୍ଦୋଳନ ପାଇଁ ରାସ୍ତା ଜାମ୍ ହୋଇଥିବା ବେଳେ ବିଭିନ୍ନ ରାସ୍ତାକୁ ସିଲ୍ କରାଯାଇଛି । ରାଜଭବନ ଛକରୁ ଏଜି ଛକ ସିଲ, ଏଜି ଛକରୁ ବିଧାନସଭା ଯାଏ ସିଲ । ଲୋକସେବା ଭବନ ପଛ ପଟ ରାସ୍ତା ବି ସିଲ ହୋଇଥିବା ବେଳେ ସାଧାରଣ ଲୋକେ କୁଆଡେ ଯିବେ ବାଟ ପାଇନଥିଲେ । ରାଜନୀତି ପାଇଁ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଥିବା ବେଳେ ନିର୍ଭୟା ଭଳି ସୌମ୍ୟଶ୍ରୀ ଆଇନ ଆଣିବାକୁ ଏବିଭିପି ପକ୍ଷରୁ ଦାବି ହୋଇଛି । ଛାତ୍ର କଂଗ୍ରେସ କିଛି ନେତା ପୀଡିତାଙ୍କୁ ସୋସିଆଲ ମିଡ଼ିଆରେ ଆତ୍ମହତ୍ୟା ପାଇଁ ପ୍ରବାର୍ଚ୍ଚାଇଥିବା ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଏଣେ ଏବିଭିପି ଦ୍ୱାରା ବାଣୀବିହାର ଛକରେ ରାଜରାସ୍ତା ଅବରୋଧ କରାଯାଇଛି ।

# ଆଜି କଂଗ୍ରେସର ଓଡ଼ିଶା ବନ୍ଦ ଆନ୍ଦୋଳନ ବାଲେଶ୍ୱର ଜିଲ୍ଲା ସମ୍ପୂର୍ଣ୍ଣ ବନ୍ଦ

## ଭୁବନେଶ୍ୱର-କଟକକୁ ଜଗିବ ଡ୍ରୋନ୍-ଏଆଇ କ୍ୟାମେରା

ଭୁବନେଶ୍ୱରଲ୧୬।୭(ନି.ପ୍ର.): କଂଗ୍ରେସ ପକ୍ଷରୁ ଆସନ୍ତାକାଲି ଦିଆଯାଇଥିବା ଓଡ଼ିଶା ବନ୍ଦ ପାଇଁ ପର୍ଯ୍ୟାପ୍ତ ପୁଲିସ ବ୍ୟବସ୍ଥା ହୋଇଛି । ରାଜଧାନୀ ଭୁବନେଶ୍ୱର ଓ କଟକର ବିଭିନ୍ନ ଛକ, ବଜାର, ସରକାରୀ କାର୍ଯ୍ୟାଳୟ ସବୁଠି ପୁଲିସ ମୁତୟନ ହେବେ । ଖିଲାପକାରୀଙ୍କ ଉପରେ ନଜର ରଖିବା ପାଇଁ ସାଦା ପୋଷାକରେ ପୁଲିସ ମୁତୟନ ହେବେ । ପୁଲିସ କମିସନର ଏସ୍ ଦେବଦତ୍ତ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ।

ପୁଲିସ କମିସନର କହିଛନ୍ତି, ଏସବୁକୁ ଡିଜିପିଙ୍କ କାର୍ଯ୍ୟାଳୟ ଓ ଅନ୍ୟ ବରିଷ୍ଠ ଅଧିକାରୀ ମନିଟର କରିବେ । ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ହେଉୟ କିନ୍ତୁ କୌଣସି ନେତା ବା କର୍ମୀ ଆଇନକୁ ହାତକୁ ନିଅନ୍ତୁ ନାହିଁ । ଲୋକସେବା ଭବନ, ବିଧାନସଭା, ରାଜୀବ ଭବନ, ବିଭିନ୍ନ ଭିଭିଆଇପିଙ୍କ ବାସଭବନ ନିକଟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବ । ରେଳରୋକ ହିଂସାର ପନ୍ଥା ଆପଣାଇଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କମିସନର କହିଛନ୍ତି ।

ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ମୃତ୍ୟୁ ପରେ ରାଜ୍ୟ ରାଜନୀତି ଜୋର୍ ଧରିଥିବା ବେଳେ କଂଗ୍ରେସ ପକ୍ଷରୁ ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ବନ୍ଦକୁ କଂଗ୍ରେସ ସମେତ ସମସ୍ତ ବାମପନ୍ଥୀ ଦଳ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ), ଅଲ୍ ଇଣ୍ଡିଆ । ଫରୱାର୍ଡ ବ୍ଲକ୍, ଏନ୍ସିପି, ଏସ୍ପି ଓ ଆର୍ଜେଡି ଦଳ ସମର୍ଥନ ଜଣାଇଛନ୍ତି । ବନ୍ଦ ଯୋଗୁଁ ଗୁରୁବାର ବିଦ୍ୟାଳୟ, କଲେଜ ଓ ଦୋକାନ ବଜାର ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି । କଂଗ୍ରେସ ଭବନଠାରେ ଆୟୋଜିତ ବିଭିନ୍ନ ଦଳର ମିଳିତ ସାମ୍ବାଦିକ ସମ୍ମିଳନୀରେ ମଙ୍ଗଳବାର ଏ ସଂପର୍କରେ ଘୋଷଣା କରାଯାଇଛି ।

ପୀଡିତାଙ୍କ ମୃତ୍ୟୁ ଆତ୍ମହତ୍ୟା ନୁହେଁ, ଏହା ଏକ ବ୍ୟବସ୍ଥାକୃତ ହତ୍ୟା ବୋଲି ମିଳିତ ବିରୋଧୀ ଦଳ ପକ୍ଷରୁ କୁହାଯାଇଛି ।ଏହି ଦୁର୍ଭାଗ୍ୟଜନକ ଘଟଣାର ସତ୍ୟତା ଅନୁସନ୍ଧାନ ପାଇଁ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ କରାଯାଉ । ନୈତିକତା ଦୃଷ୍ଟିରୁ ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବାଲେଶ୍ୱର ବିଧାୟକ ଇସ୍ତଫା ଦିଅନ୍ତୁ । ବାଲେଶ୍ୱର ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ଏସ୍ପିଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ । ଏହି ସବୁ ଦାବିରେ ଏବଂ ପୀଡ଼ିତାଙ୍କ ସ୍ମୃତିରେ ୧୭ ତାରିଖରେ ଓଡ଼ିଶା ବନ୍ଦକୁ ଜନସାଧାରଣ ସମର୍ଥନ ଦେଇ ସଫଳ କରିବାକୁ ବିରୋଧୀ ଦଳଗୁଡ଼ିକ ନିବେଦନ କରିଛନ୍ତି । ବିଜେପିର କୁଶାସନ ବିରୋଧରେ ରାଜ୍ୟର ସମସ୍ତ ସମଭାବାପନ୍ନ ଦଳ ଓ ସଂଗଠନମାନେ ଏକାଠିହେବାକୁ ଆହ୍ୱାନ ଦିଆଯାଇଛି । ଏଥିସହ ତିନିଦିନ ଧରି ସମଗ୍ର ରାଜ୍ୟରେ ମହମବତୀ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ପିସିସି ରାଜ୍ୟ ସଭାପତି ଭକ୍ତଚରଣ ଦାସ କହିଛନ୍ତି ।

ବାଲେଶ୍ୱର, ୧୬।୭(ନି.ପ୍ର.): ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ବାଲେଶ୍ୱର ଜିଲ୍ଲା ବନ୍ଦ ଡାକରା ଦେଇଛି ବିଜେଡି । ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ । ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ଦାବିରେ ବନ୍ଦ ଡାକରା ଦେଇଛି ବିଜେଡି । ଷ୍ଟେସନ ବଜାର ଓ ଫକୀର ମୋହନ ଗୋଲେଇ ଛକରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ବୁଧବାର ଦିନ ଆଠ ଘଣ୍ଟିଆ । ବାଲେଶ୍ୱର ବନ୍ଦ ପାଳନ କରାଯାଉଥିବାରୁ ଦୋକାନ ବଜାର, ସରକାରୀ ଅଫିସ୍, ବେସରକାରୀ ଅନୁଷ୍ଠାନ ସବୁ ବନ୍ଦ ରହିଛି । କେବଳ ଅତ୍ୟାବଶ୍ୟକ ସେବା ବ୍ୟତୀତ ଅନ୍ୟ ସମସ୍ତ କ୍ଷେତ୍ର ବନ୍ଦ ରହିବ ବୋଲି ଦଳ



ପକ୍ଷରୁ କୁହାଯାଇଛି । ସାମ୍ପ୍ରତିକ ଶାସନ ବ୍ୟବସ୍ଥା ଯୋଗୁଁ ଜଣେ ଛାତ୍ରୀଙ୍କ ଅମୂଲ୍ୟ ଜୀବନ ଚାଲିଯାଇଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି । ମୃତ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ସାଙ୍ଗକୁ ଭବିଷ୍ୟତରେ ଯେଭଳି ଏମିତି ଅଘଟଣ ନଘଟେ, ସେନେଇ ସରକାର ଉଚିତ ପଦକ୍ଷେପ ନେବା ଦାବିରେ ଏହି ୮ଘଣ୍ଟିଆ । ବାଲେଶ୍ୱର ବନ୍ଦ କରାଯିବ ବୋଲି ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ସୂଚନା ଦେଇଛନ୍ତି ।ଏହାର ପ୍ରଭାବ ସୋରରେ ମଧ ଦେଖିବାକୁ ମିଳିଛି । ସୋର ବିଜେଡି ପକ୍ଷରୁ ବିଧାୟକ ମାଧବ ଧଡାଙ୍କ ନେତୃତ୍ୱରେ ୧୬ନଂ ଜାତୀୟ ରାଜପଥ ଉତ୍ତରେଶ୍ୱରଠାରେ ଜାତୀୟ ରାଜପଥ ଅବରୋଧ କରାଯାଇ ଟାୟାର ଜାଳି ପ୍ରତିବାଦ କରାଯାଇଛି । ଜରୁରୀକାଳୀନ ସେବା ବ୍ୟତୀତ ଅନ୍ୟ ସମସ୍ତ ଗାଡ଼ି ଅଟକି ରହିଥିବାରୁ ଶହ ଶହ ଟ୍ରକ ଓ ଗାଡ଼ି ରାସ୍ତାରେ ଛିଡା ହେବା ସହ ରାସ୍ତା ଜାମ ଥିବା ଦେଖିବାକୁ ମିଳିଛି ।

## ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ

ଭୁବନେଶ୍ୱର, ୧୬।୭(ନି.ପ୍ର.): ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ସମ୍ମିଳନୀ କକ୍ଷ ଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ବୁଧବାର ଦିନ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ସମ୍ପର୍କିତ ଅନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । 'ମେଟ୍ରୋ ରେଳ ପ୍ରକଳ୍ପ' ଗମନାଗମନ ସେବାରେ ଆଣିବ ନୂତନ ରୂପାନ୍ତରଣ । ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପଟି ସମ୍ପୂର୍ଣ୍ଣ ଭାବରେ ସଫଳ ରୂପରେ କାର୍ଯ୍ୟାନ୍ୱିତ କରିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ କିପରି ସ୍ଥାୟୀ ସମନ୍ୱୟ ହେବ,ତାହା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ଏହି ବୈଠକରେ ମାନ୍ୟବର ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଗଣ ଉପସ୍ଥିତ ଥିଲେ ।

# ୧୩ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

**ଭୁବନେଶ୍ୱର, ୧୬।୭:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଆଜି ରାଜ୍ୟ କ୍ୟାବିନେଟର ୨୨ ତମ ବୈଠକ ଅନୁଷ୍ଠିତ ହୋଇଥିଲା । କ୍ୟାବିନେଟ ବୈଠକରେ ୧୧ ବିଭାଗର ୧୩ ଟି ପ୍ରସ୍ତାବ ଆଲୋଚନା ପରେ ଅନୁମୋଦନ କରାଯାଇଥିଲା । ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣ ମାଧ୍ୟମକୁ ସୂଚନା ଦେଇଥିଲେ । ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟରେ ସରକାର ମୟୂରଭଞ୍ଜ ପୋଲିସ ଜିଲ୍ଲାକୁ ଦୁଇ ଭାଗରେ ବିଭକ୍ତ କରି ରାଇରଙ୍ଗପୁରରେ ମୁଖ୍ୟାଳୟ ସହିତ ଏକ ନୂତନ ପୋଲିସ ଜିଲ୍ଲା ଗଠନ, 'ଜରୁରୀକାଳୀନ ପ୍ରଶମନ ସହାୟତା ବ୍ୟବସ୍ଥା -ଡାଏଲ-୧୧୨' ଯୋଜନାକୁ ୫ ବର୍ଷ ସଂପ୍ରସାରଣ, ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମାସିକ ହଷ୍ଟେଲ ଫି ଛାଡ଼, ସମୃଦ୍ଧ ସହର ଯୋଜନା ଓ ବିଶ୍ୱବିଦ୍ୟାଳୟ ଆଇନ ସଂପର୍କରେ ନିଷ୍ପତ୍ତି ନିଆଯାଇଛି ।

ସରକାର ବର୍ତ୍ତମାନର ମୟୂରଭଞ୍ଜ ପୋଲିସ ଜିଲ୍ଲାକୁ ଦୁଇ ଭାଗରେ ବିଭକ୍ତ କରି ଏବଂ ଉଭୟ ପୋଲିସ ଜିଲ୍ଲାରେ ପ୍ରଭାବୀ ପୋଲିସ ସେବା ଏବଂ ଦକ୍ଷ ସାଧାରଣ ସେବା ପ୍ରଦାନ ପାଇଁ ରାଇରଙ୍ଗପୁରରେ ମୁଖ୍ୟାଳୟ ସହିତ ଏକ ନୂତନ ପୋଲିସ ଜିଲ୍ଲା ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟରେ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି ।

ରାଜ୍ୟ କ୍ୟାବିନେଟ 'ଜରୁରୀକାଳୀନ ପ୍ରଶମନ ସହାୟତା ବ୍ୟବସ୍ଥା -ଡାଏଲ-୧୧୨' ଯୋଜନାକୁ ୨୦୨୫-୨୬ ରୁ ୨୦୨୯-୩୦ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ମୋଟ ୨୨୬୦,୮୯ କୋଟି ଟଙ୍କାର ବ୍ୟୟ ଅଟକଳକୁ ଅନୁମୋଦନ କରିଛି । ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟରେ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି ।ଏହି ଜାତୀୟ ଜରୁରୀକାଳୀନ ପ୍ରତିକ୍ରିୟା ପ୍ଲାଟଫର୍ମ ପୋଲିସ, ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ଭଳି ସେବାଗୁଡ଼ିକୁ ଏକୀକୃତ କରି ନାଗରିକଙ୍କ ବିପଦ ସମୟରେ ଦ୍ରୁତ ସହାୟତା ପ୍ରଦାନ ପାଇଁ ଲକ୍ଷ୍ୟ ରଖୁଛି । ଏହି ଯୋଜନାରେ ୪୧୯୫ ନୂତନ ପଦବୀ ସୃଷ୍ଟି କରିବା ଏବଂ ୬୪୫ ଜରୁରୀକାଳୀନ ପ୍ରତିକ୍ରିୟା ଯାନ ଯୋଗାଇ ଦେବାର ପ୍ରସ୍ତାବ ରହିଛି । ୨୪ ଘଣ୍ଟିଆ ସେବା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଜରୁରୀକାଳୀନ ସେବା ସଞ୍ଚାଳନ କେନ୍ଦ୍ର ଏବଂ ବିକଳ୍ପ ଜରୁରୀକାଳୀନ ସେବା ସଞ୍ଚାଳନ କେନ୍ଦ୍ର ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣକୁ ମଧ୍ୟ ଅନୁମୋଦନ କରାଯାଇଛି । ଏହି ଯୋଜନାରେ ନାଗରିକମାନେ ଯେ କୌଣସି ସହାୟତା ପାଇଁ ୧୧୨ ଡାଏଲ୍ କରିପାରିବେ ଏବଂ ସେମାନଙ୍କୁ ତ୍ୱରିତ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଛି ।

ରାଜ୍ୟ କ୍ୟାବିନେଟ ବୈଠକରେ ଓଡ଼ିଶା ଆୟୁଷ ସହାୟକ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତାବଳୀ) ସଂଶୋଧନ ନିୟମ, ୨୦୨୫ ର ପ୍ରଣୟନକୁ ଅନୁମୋଦନ କରିଛନ୍ତି ।

ଶିକ୍ଷା କ୍ଷେତ୍ରରେ ଏକ ନିଷ୍ପତ୍ତି ଅନୁସାରେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମାସିକ ହଷ୍ଟେଲ ଫି ୨,୦୦୦ ଟଙ୍କା ଛାଡ଼ କରାଯାଇଛି । ଏହା ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ବୋଝକୁ ହ୍ରାସ କରିବ । ଏଥିପାଇଁ ୫ ବର୍ଷରେ ୩୫୦ କୋଟି ଟଙ୍କା ଖର୍ଚ୍ଚ ହେବ ଛାତ୍ରଛାତ୍ରୀ ପୂର୍ବରୁ ମାସିକ ୨ ହଜାର ଟଙ୍କା ରେଣ୍ଟ୍ ଦେଉଥିଲେ ।

ଏହା ସହିତ, ସମୃଦ୍ଧ ସହର ଯୋଜନାକୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି । ଏହି ଯୋଜନା ପାଇଁ ୪,୮୭୯.୩୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟରେ ଏହି ଯୋଜନା ଗୁରୁତପର୍ପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟ ସରକାର ଆଶାବାଦୀ । ଏହି ନିଷ୍ପତ୍ତିଗୁଡ଼ିକ ରାଜ୍ୟର ସୁରକ୍ଷା, ଶିକ୍ଷା ଓ ନଗର ବିକାଶକୁ ଅଧିକ ସୁଦୃଢ଼ କରିବ ।

## ବାଲେଶ୍ୱର ପୀଡ଼ିତାଙ୍କ ପାଇଁ ସଂସଦରେ ସ୍ୱର ଉଠାଇବ କଂଗ୍ରେସ

ଭୁବନେଶ୍ୱର: ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳର ଛାତ୍ରୀ ମୃତ୍ୟୁ ମାମଲା ନେଇ ରାଜ୍ୟବ୍ୟାପି ଉତ୍ତେଜନାର ବାତାବରଣ ଦେଖାଯାଇଛି । ଏହି ଘଟଣାକୁ ପ୍ରସଙ୍ଗ କରି କଂଗ୍ରେସ ସଂସଦରେ ସ୍ୱର ଉଠାଇବ । ଏଥି ପାଇଁ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ବାଲେଶ୍ୱର ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବା ବଡ଼ ଘୋଷଣା କରିଛନ୍ତି । କଂଗ୍ରେସ ଜୁଲାଇ ୧୭ରେ ଓଡ଼ିଶା ବନ୍ଦ କରୁଥିବାବେଳେ ଆଗାମୀ ଦିନରେ ସଂସଦ ଘେରାଉ କରିବ । ଏହି ଘୋଷଣା ସହ ଅଳକା ଲାମ୍ବା ଓଡ଼ିଶା ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ।



ଅଳକା ଲାମ୍ବା କହିଛନ୍ତି ଯେ ଓଡ଼ିଶାରେ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଛିୟ ଓଡ଼ିଶାରେ ନାରୀ ନିରାପତ୍ତା ଓ ନ୍ୟାୟ ପାଇଁ କୌଣସି କଡ଼ା ପଦକ୍ଷେପ ନିଆଯାଇ ନାହିଁ । ବାଲେଶ୍ୱରରେ ଜଣେ ଛାତ୍ରୀଙ୍କୁ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଯୌନ ନିର୍ଯାତନାର ଚାପ ଦିଆଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଏହି ଘଟଣାକୁ କଂଗ୍ରେସ ଗୁରୁତ୍ୱର ସହିତ ନେଉଛି । ସଂସଦର ଆଗାମୀ ମେସୁମୀ ଅଧିବେଶନରେ ଏହି ପ୍ରସଙ୍ଗକୁ ପ୍ରମୁଖତା ଦେବ । ଆଗାମୀ ୨୧ ତାରିଖରେ ସଂସଦ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଏହି ସମୟରେ କଂଗ୍ରେସ ଦଳ ସଂସଦ ଘେରାଉ କରି ବାଲେଶ୍ୱର ଘଟଣାରେ ନ୍ୟାୟ ଦାବି କରିବ । ଓଡ଼ିଶା ପ୍ରସଙ୍ଗକୁ ଆମେ ପ୍ରାଥମିକତା ଦେବୁ ।

ଅଳକା ଲାମ୍ବା ଓଡ଼ିଶା ଗସ୍ତ କରି ବାଲେଶ୍ୱର ପୀଡ଼ିତାଙ୍କ ପରିବାରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନିପତିଙ୍କ ନେତୃତ୍ୱରେ ବାଲେଶ୍ୱରରେ ଏକ ବିଶାଳ କର୍ମୀ ସମାବେଶ ଆୟୋଜନ କରାଯାଇଛି । ଏହି ସମାବେଶରେ ଅଳକା ଲାମ୍ବା ମଧ ଯୋଗ ଦେବେ । ଅଳକା ଲାମ୍ବା ଓ ବିଧାୟିକା ସୋଫିଆ । ଫିର୍ଦୋସ ଅଖିଳ ଭାରତୀୟ କଂଗ୍ରେସ କମିଟି କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ ।ସୋଫିଆ । କହିଥିଲେ, ଏହି ଘଟଣା ରାଜ୍ୟରେ ମହିଳା ନିରାପତ୍ତାର ଦୁର୍ବଳ ଚିତ୍ରକୁ ପ୍ରକାଶ କରୁଛି । ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ନେଉ ନାହାନ୍ତି । ଏହି ଘଟଣାକୁ ନେଇ ରାଜ୍ୟରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି ।



## "ବିଜେଡି"ର ଲୋକସେବା ଭବନ ଘେରାଓ ଏବଂ "କଂଗ୍ରେସ"ର ଓଡିଶା ବନ୍ଦ ଡାକରା ପ୍ରସଙ୍ଗରେ

# ଅସ୍ତିତ୍ୱ ବଞ୍ଚାଇବା ପାଇଁ ବିଜେଡି ଓ କଂଗ୍ରେସର ଆନ୍ଦୋଳନ : ବିରଞ୍ଚି ନାରାୟଣ ତ୍ରିପାଠୀ

ଭୁବନେଶ୍ୱର,୧୬।୭ (ନି.ପ୍ର) : ବାଲେଶ୍ୱର ଏଫ.ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି । ଗୋଟିଏ ଝିଅ ଦୁନିଆ ଦେଖିବା ପୂର୍ବରୁ ତାର ଅପମୃତ୍ୟୁ ହୋଇଛି । ମୃତା ସୌମ୍ୟାଶ୍ରୀ ଏବଂ ତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଯାହା ଆବଶ୍ୟକ ପଡିବ, ତାହା କରିବା ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ । ଏହି ଅଭାବନୀୟ ଘଟଣା ଘଟିବା ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଖୋଦ ନିଜେ ଦୁଇ ଥର ଯାଇ ଘଟଣାର ତଦାରଖ କରିଛନ୍ତି । ପୀଡିତା ଚିକିତ୍ସିତ ହେଉଥିବା ଏମ୍ସ ମେଡିକାଲକୁ ଯାଇ ଅଧିକାରୀମାନଙ୍କ ସହ ଆଲୋଚନା କରି ସମସ୍ତ ସହାୟତା ଯୋଗାଇ ଦେଇଛନ୍ତି, ପୀଡିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି । ଉପମୁଖ୍ୟମନ୍ତ୍ରୀଙ୍କ ସମେତ ବରିଷ୍ଠ ମନ୍ତ୍ରୀ ଓ ବିଧାୟକ ପହଂଚି ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଛନ୍ତି । ମୁଖ୍ୟମନ୍ତ୍ରୀ ରିଲିଫ ପାଂଠିରୁ ୨୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ଏପରିକି ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ଓଡିଶା ଗସ୍ତ ଅବସରରେ ପୀଡିତାଙ୍କୁ ଭେଟି ପରିବାର ସହ ଆଲୋଚନା କରିଛନ୍ତି । ବିଜେଡି ସରକାର ଅମଳରେ ଘଟିଯାଇଥିବା ମହିଳା ନିର୍ଯ୍ୟାତନା କ୍ଷେତ୍ରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ କୌଣସି ବିଜେଡି ନେତା କିମ୍ବା ମନ୍ତ୍ରୀ ପୀଡିତା କିମ୍ବା ପୀଡିତାଙ୍କ ପରିବାରକୁ ଭେଟି ସାମାନ୍ୟ ସମବେଦନା ବି ଜଣାଇନଥିଲେ । ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର କଠୋରରୁ କଠୋର ପଦକ୍ଷେପ ଆରମ୍ଭରୁ ଗ୍ରହଣ କରିଛନ୍ତି । କେବଳ ଏଚଓଡି କିମ୍ବା ପ୍ରିନ୍ସିପାଲ ନୁହନ୍ତି, ଅନ୍ୟମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ । ଯେଉଁମାନେ କର୍ତବ୍ୟରେ ଅବହେଳା କରିଛନ୍ତି, ସେମାନଙ୍କ ତଥ୍ୟ ସଂଗ୍ରହ କରାଯାଉଛି । ଯେଉଁମାନେ ଛାତ୍ରୀଙ୍କୁ ଅପମାନିତ କରି ଆତ୍ମହତ୍ୟା ପାଇଁ ପ୍ରବର୍ତାଇଛନ୍ତି, ତାକୁ ମଧ୍ୟ ଅନୁଧ୍ୟାନ କରାଯାଉଛି । ପୀଡିତାକୁ ନ୍ୟାୟ ଦେବା ହେଉଛି ଏକମାତ୍ର ଲକ୍ଷ୍ୟ । ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତି ନହେବାକୁ ରାଜ୍ୟ ସରକାର ଚେଷ୍ଟିତ ଅଛନ୍ତି । ବିଜେପି ସରକାର ମହିଳା ବିକାଶ ଓ ସଶକ୍ତିକରଣ ପ୍ରତି ସମର୍ପିତ । ମହିଳା ହିଂସାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟ ଉପସଭାପତି ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି ।

ଅନ୍ୟ ପଟେ ପ୍ରମୁଖ ବିରୋଧୀ ବିଜେଡି ଏବଂ କଂଗ୍ରେସ ଦଳ ଏହି ପ୍ରସଙ୍ଗରେ ସମ୍ବେଦନହୀନତାର ସମସ୍ତ ସୀମା ଉଲ୍ଲଂଘନ କରି ହୀନ ରାଜନୀତି




ଆରମ୍ଭ କରିଦେବା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ । ସାମାଜିକ ଗଣମାଧ୍ୟମରେ ସ୍ୱର୍ଗତଃ ସୌମ୍ୟଶ୍ରୀଙ୍କ ଚରିତ୍ରର ସଂହାର କରିବା ସହିତ ତାଙ୍କ ପରିବାରକୁ ବିଭିନ୍ନ ପ୍ରକାରର ଅପମାନଜନକ ଆକ୍ଷେପ କରାଯାଉଛି । ବିରୋଧୀଙ୍କ ଏଭଳି ଆଚରଣ ଓ ଉଚାରଣକୁ ରାଜ୍ୟବାସୀ ଆଦୌ କ୍ଷମା କରିବେ ନାହିଁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ବିଜେଡି ଅନୁମତି ନେଇଥିବାବେଳେ ହିଂସାତ୍ମକ ଆଚରଣ କରିଥିଲା । କିନ୍ତୁ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଧର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରିଥିବାରୁ ପୋଲିସ ପ୍ରଶାସନ ଧନ୍ୟବାଦର ପାତ୍ର । ନିଜ ଅସ୍ତିତ୍ୱ ବଂଚାଇବା ପାଇଁ ବିଜେଡି ଲୋକସେବା ଘେରାଓ ନାମରେ ଆନ୍ଦୋଳନ କରିଛି । ମାତ୍ର ହାତଗଣତି କିଛି ନେତା ଓ ଅଳ୍ପ ସଂଖ୍ୟା କର୍ମୀମାନେ ଉପସ୍ଥିତ ଥିଲେ । ଯାହାକି, ଆଜିର ଘେରାଓ ଡାକରାକୁ ବିଜେଡି କର୍ମୀମାନେ ସମର୍ଥନ କରୁନଥିବା ସ୍ପଷ୍ଟ ହୋଇଛି । ନିଜ ୨୪ ବର୍ଷ ଶାସନରେ ବିଶ୍ୱସ୍ତରୀୟ ହସପିଟାଲ ଓ ଚିକିତ୍ସା ବ୍ୟବସ୍ଥା କରିଥିବାର ବାହାସ୍ଫୋଟ ମାରୁଥିବା ବିଜେଡି ନେତାମାନେ କାହିଁକି ଆଜି ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ? ବାସ୍ତବରେ ବିଜେଡି ଦୁର୍ବଳ ହେବାରେ ଲାଗିଛି । ଅନ୍ୟ ପଟେ ବିଜେଡିର ଭାଇ କଂଗ୍ରେସର ମଧ୍ୟ ସମାନ ପରିସ୍ଥିତି । ଗଣତନ୍ତ୍ରରେ ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ଅଛି । ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବାକୁ ଶ୍ରୀ ତ୍ରିପାଠୀ ଉଭୟ ବିଜେଡି ଓ କଂଗ୍ରେସ ଦଳକୁ ପରାମର୍ଶ ଦେଇଛନ୍ତି ।

ଇତିହାସକୁ ମନେ ପକାଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ନାରୀ ନିର୍ଯ୍ୟାତନାର ଶିକାର ହୋଇଥିବା ଇତିଶ୍ରୀ, ବେବିନା, ମାଧବିଲତା, ମମିତା, ସ୍ମିତାରାଣୀଙ୍କ ସମେତ ଅନେକ ପରିବାରକୁ ନ୍ୟାୟ ଦେଇପାରିନଥିବା ବିଜେଡି ଶାସନ ଆଜି ମହିଳା ସୁରକ୍ଷା ପ୍ରସଙ୍ଗରେ ବିବୃତି ଦେବା ଅତ୍ୟନ୍ତ ହାସ୍ୟାସ୍ପଦ । ୨୦୧୮ ମସିହା ଜାନୁଆରୀ ୨ ତାରିଖ ଦିନ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହୋଦୟ ପୁରସ୍କାର କିଣି ଭୁବନେଶ୍ୱରରେ ଉତ୍ସବ ପାଳନ କରୁଥିବାବେଳେ ବହୁଚର୍ଚ୍ଚିତ କୁନ୍ଦୁଲୀ ପୀଡିତା ଆତ୍ମହତ୍ୟା କରିଥିଲେ । ଏପରିକି ପୀଡିତାଙ୍କ ପରିବାରକୁ ଟଙ୍କା ଜଚାଯାଇ ମୁହଁ ବନ୍ଦ କରିବାର ପ୍ରୟାସ କରାଯାଇଥିଲା । ସେତେବେଳେ ବିଜେଡି ନେତାମାନେ କୁଆଡେ ଯାଇଥିଲେ ? ବିଜେଡି ନେତା ଓ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଅନେକ ମହିଳା ବ୍ୟଭୀଚାର ଘଟଣା ଘଟିଛି ଏବଂ ଅପରାଧୀମାନଙ୍କୁ ଖସାଇ ଦେବା ପାଇଁ ସରକାରୀ କଳ ଓ ପ୍ରଶାସନର ଅପବ୍ୟବହାର କରାଯାଇଛି, ଯାହାକୁ ଓଡିଶାର ଅଗଣିତ ମା ଓ ଭଉଣୀମାନେ ଦେଖିଛନ୍ତି । ତେଣୁ ବିଜେଡିର ଆନ୍ଦୋଳନ କେବଳ ଏକ ପ୍ରହସନ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

## ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର,୧୬।୭ (ନି.ପ୍ର) : ଆଜି ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଭୁବନେଶ୍ୱର କ୍ଲବ ଠାରୁ ପ୍ରଦେଶ ଯୁବ କଂଗ୍ରେସର ଏକ ରାଲି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଯୁବ କଂଗ୍ରେସର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ । ୧ ଘଣ୍ଟାର ଧାରଣା ପରେ ଯୁବ କଂଗ୍ରେସ କର୍ମୀମାନେ ପୁଲିସ ବାରିକେଟ ଭାଙ୍ଗିବା ପାଇଁ ଉଦ୍ୟମ କରୁଥିବାବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା । ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସମଗ୍ର ସରକାର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ବିଶେଷ କରି ବାଲେଶ୍ୱର ସାଂସଦ ଏବେ ଯେଉଁଭଳି ତତ୍ପରତା ଦେଖାଉଛନ୍ତି ତାହା ଯଦି ପୂର୍ବରୁ ଦେଖାଇଥାନ୍ତେ ତେବେ ବାଲେଶ୍ୱର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇନଥାନ୍ତା । ଛାତ୍ରୀ ଜଣକ ୬ ମାସ ଧରି କ୍ରମାଗତ ଗୁହାରି କଲେ ବି ଏ ସରକାର ଏବଂ ବିଜେପି ନେତୃବୃନ୍ଦ ତାଙ୍କ କଥା ଶୁଣିଲେ ନାହିଁ । ଶାରିରୀକ ଓ ମାନସିକ




ନିର୍ଯ୍ୟାତନା ଅସହ୍ୟ ହେବାରୁ ଛାତ୍ରୀ ଜଣକ ଚରମ ନିଷ୍ପତ୍ତି ନେଲା । ଏଣୁ ଛାତ୍ରୀ ଜଣକୁ ସୁରକ୍ଷା ଦେବାର ଅକ୍ଷମ ଏବଂ ତା'ର ଅଭିଯୋଗ ଶୁଣିବାରେ ଉପେକ୍ଷା କରିଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତୁରନ୍ତ ଇସ୍ତଫା ଦେବାକୁ ଶ୍ରୀ ପାତ୍ର ଦାବି କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ଶିକ୍ଷାମନ୍ତ୍ରୀ କରୁଛନ୍ତି କ'ଣ ? ବିଭିନ୍ନ ଜିଲ୍ଲାରେ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ରୀମାନେ ଅସୁରକ୍ଷିତ ରହିଥିବାବେଳେ ଶିକ୍ଷାମନ୍ତ୍ରୀ କ'ଣ ପଦକ୍ଷେପ ନେଉଛନ୍ତି । ଶିକ୍ଷାନୁଷ୍ଠାନର ଆଭ୍ୟନ୍ତରଣୀୟ ଅଭିଯୋଗ କମିଟି (ଆଇ.ସି.ସି.) ଏକ ପ୍ରହସନରେ ପରିଣତ ହୋଇଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର ନୱାଜ କହିଛନ୍ତି ଯେ ନିଜର ଦୋଷ ଲୁଚାଇବା ପାଇଁ ଏବେ ଏବିଭିପି, ବିଜେପି ଓ ମୋହନ ସରକାର ଉଦ୍ୟମ କରୁଛନ୍ତି । ମହାବିଦ୍ୟାଳୟର ସମ୍ମୁଖରେ ଏବିଭିପି ପକ୍ଷରୁ ଯେଉଁ ହେଲ୍ପ ଡେସ୍କ ଖୋଲା ଯାଇଥିଲା ସେଠାରେ ଶିକ୍ଷାନୁଷ୍ଠାନର ଅପରାଧି ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ସମ୍ମାନୀତ କରାଯାଇଛି । ଅର୍ଥାତ ଏହି ଦୁଇଜଣଙ୍କର ଏବିଭିପି ସଂଗଠନ ପ୍ରତି ଦୁର୍ବଳତା ରହିଛି । ତେଣୁ ଦିବାଙ୍ଗତ ଛାତ୍ରୀ ପାଇଁ ଏବିଭିପି ଲଢ଼େଇ କରୁଥିଲା ନା ଡ୍ରାମା କରୁଥିଲା ? ଏବିଭିପି ବିଜେପିର ଏକ ସାମୁଖ୍ୟ ସଂଗଠନ । ଓଡ଼ିଶାରେ ବିଜେପି ସରକାର ରହିଛି । ଦିବଙ୍ଗତା ଛାତ୍ରୀମଧ ଏବିଭିପିର ନେତ୍ରୀ ଥିଲେ । ତେଣୁ ଅପରାଧି ତାଙ୍କର, ପୀଡିତା ତାଙ୍କରି ସଂଗଠନ ଏବଂ ସରକାର ମଧ୍ୟ ତାଙ୍କର । ତେବେ ଛାତ୍ରୀଙ୍କୁ ନ୍ୟାୟ ଦେବାରେ ଅସୁବିଧା କେଉଁଠି ରହିଲା । ଏଠାରେ ପ୍ରଶ୍ନ ଉଠୁଛୁ ଛାତ୍ରୀ ଜଣଙ୍କ ହଠାତ୍ ପେଟ୍ରୋଲ ପାଇଲେ କେଉଁଠୁ ? ଦିଆସିଲି ପାଇଲେ କେଉଁଠୁ ? ଏହାର ତଦନ୍ତ ହେବା ଦରକାର । ଯଦି ସମଗ୍ର ଘଟଣାକୁ ତଜମା କରାଯାଏ ଏଥିରୁ ସ୍ପଷ୍ଟ ହେଉଛି ଯେ, ସେହି ଛାତ୍ରୀ ଆତ୍ମହତ୍ୟା କରିନି ବରଂ ତାଙ୍କୁ ହତ୍ୟା କରାଯାଇଛି ଏବଂ ଏହି ହତ୍ୟାରେ ବିଜେପି, ଏବିଭିପି ଓ ମୋହନ ସରକାର ସାମିଲ୍ । କାରଣ ମୋହନ ସରକାର ବିଶେଷ କରି ଓଡ଼ିଶାର ମହିଳା ଓ ଛାତ୍ରଛାତ୍ରୀମାନଙ୍କର ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଉନାହାନ୍ତି । ବର୍ଷକ ଭିତରେ ମହିଳା ଅତ୍ୟାଚର ଓ ଅନିୟନ୍ତ୍ରିତ ହୋଇପଡ଼ିଛି । ଅନ୍ୟପକ୍ଷରେ ସାଂସଦ ପ୍ରତାପ ଷଡଙ୍ଗୀ ଏହି ଘଟଣାରେ କେତେବେଳେ କ'ଣ କହୁଛନ୍ତି ତା'ର ତାଳମେଳ ରହୁନାହିଁ । ସୁତରାଂ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଦାବି କରାଯାଇଛି ।

## ଏସସିବି ମେଡିକାଲରେ ଜ୍ୟୋତି ପ୍ରକାଶଙ୍କୁ ଭେଟିଲେ ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବା ଓ ବିଧାୟିକା ସୋଫିଆ

କଟକ,୧୬।୭ (ନି.ପ୍ର) : ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ଆତ୍ମଦାହ ଉଦ୍ୟମ କରିବା ବେଳେ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଉଦ୍ଧାର କରିବା ପାଇଁ



ନିଜ ଜୀବନକୁ ବାଜି ଲଗାଇ ଦେଇଥିବା ଜ୍ୟୋତି ପ୍ରକାଶକୁ ଆଜି ଅଖିଳ ଭାରତୀୟ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଅଳକା ଲାମ୍ବା ଓ ବିଧାୟିକା ସୋଫିଆ ଫିରଦୋସ ଏବଂ କଂଗ୍ରେସ ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ ତାଙ୍କୁ ଏସସିବି ମେଡିକାଲରେ ଭେଟିଛନ୍ତି । ତାଙ୍କର ବାପା ଓ ମାଙ୍କୁ ଭେଟି ତାଙ୍କ ପୁଅର ସାହାସିକତା ପାଇଁ ତାଙ୍କୁ ସାଧୁବାଦ ଜଣାଇବା ସହିତ ପୁଅର ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ ଅଳକା ଲାମ୍ବା ସିଏଲପି ଲିଡର କାଡାମ ଏବଂ ବିଧାୟିକା ସୋଫିଆ । ଜ୍ୟୋତି ପ୍ରକାଶଙ୍କ ତାଙ୍କ ଶୀଘ୍ର ଆରୋଗ କାମନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, କର୍ପୋରେଟର ଲିଜା ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପସାୟତ, ଜେ କାମେଶ୍ୱର ରାଓ ଓ ବଟକୃଷ୍ଣ ସାହୁ, କଂଗ୍ରେସ ନେତା ନିକୁଞ୍ଜ ପସାୟତ, ସତ୍ୟାନନ୍ଦ ରାଉତ, ଅନିତା ନାୟକ, ଅମ୍ରିତା ଦାସ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସୁରତି ରଞ୍ଜନ ରାଉତ, ସନ୍ତୋଷ କୁମାର ପାତ୍ର, ଦିଲ୍ଲୀପ ମହାନ୍ତି, ଶୋନୁ ସ୍ୱାଇଁ, ଦେବେନ୍ଦ୍ର ପ୍ରସାଦ ଶେଠୀ, ଅଜୟ ଗୋଛାୟତ, ପ୍ରତାପ ପରିଡା, ଦିଲ୍ଲୀପ ନାୟକ, ପିଙ୍କି ସିଂ, ଅନିତା ବେହେରା, ପଲ୍ଲବୀ ଘୋଷ, ମନୋରମା ପଣ୍ଡା, ରୂପକ ପାତ୍ର, ଅବଦୁଲ ନସିମ, ଶୟଦ ରମଯାନ ଅଲ୍ଲୀ, ସେକ ଗୁଲାମ ମୋଇଦ୍ଦିନ, ସତ୍ୟଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ସ୍ତରୀୟ ବୈଠକ ଅନୁଷ୍ଠିତ

ରାୟଗଡ଼,୧୬।୭ (ନି.ପ୍ର) : ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡ଼ ଓ ଗୁଣୁପୁରର ପ୍ରକଳ୍ପ ସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ୬୬ ତମ ଓ ଗୁଣୁପୁର ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ୬୧ ତମ ପ୍ରକଳ୍ପ ସ୍ତରୀୟ କମିଟି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଅଧ୍ୟକ୍ଷା ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ମାନ୍ୟବର ବିଧାୟକ କାଡ୍ରାକା ଆପଲ୍ଲାସ୍ୱାମୀ, ମାନ୍ୟବର ଗୁଣୁପୁର ବିଧାୟକ ଶ୍ରୀଯୁକ୍ତ ସତ୍ୟଜୀତ ଗମାଙ୍ଗ, ମାନ୍ୟବର ବିଷମକଟକ ବିଧାୟକ ଶ୍ରୀଯୁକ୍ତ ନୀଳମାଧବ ହିକକା, ମାନ୍ୟବର ସାଂସଦ ପ୍ରତିନିଧି ଶ୍ରୀ ଦୁର୍ଗାପ୍ରସାଦ ପଣ୍ଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡ, ଖଣ୍ଡୀୟ ବନ ଅଧିକାରୀ ଶ୍ରୀ ସଚିନ ଆନ୍ନା ସାହେବ ଓହଲେ, ଉପଜିଲ୍ଲାପାଳ ରାୟଗଡ଼ ଶ୍ରୀ ରମେଶ କୁମାର ଜେନା, ପିଏ ଆଇଟି ଡିଏ ରାୟଗଡ଼ ଶ୍ରୀ ଚନ୍ଦ୍ରକାନ୍ତ ମାଝୀ, ପିଏ ଆଇଟି ଡିଏ ଗୁଣୁପୁର ଶ୍ରୀ ଅଜୟ କୁମାର ପ୍ରଧାନ ଆଦି ଉପସ୍ଥିତ ଥିଲେ । ଏହି ବୈଠକରେ ମୁଖ୍ୟତଃ ରାୟଗଡ଼ ଆଇଟିଡିଏର ୨୭/୫/୨୦୨୨ରେ ଅନୁଷ୍ଠିତ ୬୫ତମ ପ୍ରକଳ୍ପ ସ୍ତରୀୟ ବୈଠକରେ ଗୃହୀତ କାର୍ଯ୍ୟ ବିଧିକୁ ସୁଦୃଢ଼ିକରଣ କରାଯାଇଥିଲା କ୍ଷ ଏହା ସହିତ ମଇ ମାସ ୨୦୨୨ରୁ ଜୁନ ମାସ ୨୦୨୫ ମଧ୍ୟରେ ବିଭିନ୍ନ ଯୋଜନାରୁ ପ୍ରାପ୍ତ ଅନୁଦାନ ରାଶି ଟ ୧୭୨୪୦.୧୭ଲକ୍ଷ ଓ ଟ ୮୭୪୭.୯୦/-ଖର୍ଚ୍ଚକୁ ଅନୁମୋଦନ କରିଥିଲେ । ଏହା ମୁଖ୍ୟତଃ




ସମ୍ବିଧାନ ଧାରା ୨୭୫(୧), ଧର୍ତ୍ତି ଅବା ଜଣଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ପିଏମ ଜନମନ,ରାଜ୍ୟ ସେକଟର, ଅପରେସନ ଓ ପରିଚାଳନା, ଓଟି ଡିଶି ପାଣ୍ଠି, ଭିତିଭୂମି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା, ବିଜୁ କେବିକେ ପ୍ଲାନ, ସାଂସଦ ପାଣ୍ଠି, ବିଧାୟକ ପାଣ୍ଠି, ଜିଲ୍ଲାସ୍ତରୀୟ ଖଣିଜ ପାଣ୍ଠି, ଜଟିଳ ସମସ୍ୟା ପାଣ୍ଠି, ସ୍ୱତନ୍ତ୍ର ସମସ୍ୟା ପାଣ୍ଠି, ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ ଉପରେ କରାଯାଇଥିବା ଖର୍ଚ୍ଚ ଅନୁମୋଦନ କରାଯାଇଥିଲା । ସେହିପରି ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା। ପ୍ରାତଃ ଅନୁଦାନ ରାଶି,ଟ ୮୪୫୫୪୧୯୨୧ଙ୍କକ୍ଷ ଓ ଟ୨୩୦୮୫୩୮୫୧ ଙ୍କା ଖର୍ଚ୍ଚକୁ ଅନୁମୋଦନ କରାଯାଇଥିଲା। ସେହିପରି ୨୦୨୩-୨୪,୨୦୨୪-୨୫ ଓ ୨୦୨୫-୨୦୨୬ ଆର୍ଥିକ ବର୍ଷ. ନିମନ୍ତେ ଅନୁଦାନ ଓ ଖର୍ଚ୍ଚ ଦାବିକୁ ଅନୁମୋଦନ କରିଥିଲେ। ଏହି ବୈଠକରେ ନୂତନ ପ୍ରକଳ୍ପ ଓ ଚାଲୁ ରହିଥିବା ପ୍ରକଳ୍ପ ଗୁଡିକ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରିଥିଲେ । ଏହାସହିତ ଜିଲ୍ଲାର ବିଭିନ୍ନ ସମସ୍ୟା ବିଶେଷ କରି ଶିକ୍ଷକ, କର୍ମଚାରୀ ଅଭାବ ବିଷୟରେ ଉପସ୍ଥାପନା କରିଥିଲେ ।

ଏହା ସହିତ ଜିଲ୍ଲାର ଜନଜାତି ଶିକ୍ଷା ଅନୁଷ୍ଠାନ ଗୁଡିକର ପରିମଳ ବ୍ୟବସ୍ଥା ଉପରେ ସମସ୍ତ ବିଧାୟକ ଗୁରୁତ୍ୱ ଆରୋପ କରିଥିଲେ। ବିଶେଷ କରି ଜନଜାତି ବିଦ୍ୟାଳୟ ମାନଙ୍କରେ ଅସୁସ୍ଥତା କର ପରିବେଶ ରହିଥିବା ଏହାକୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଅନ୍ତେବାସୀ ମାନଙ୍କ ସୁରକ୍ଷା ନିମନ୍ତେ ସିସି ଟିଭି ଲଗାଇବାକୁ ଜିଲ୍ଲାପାଳ କହିଥିଲେ । ଏହି ବିଷୟ ଉପରେ ଜିଲ୍ଲାପାଳ ଶ୍ରୀମତୀ ପାଟାୱରୀ ଜନଜାତି ବିଦ୍ୟାଳୟ ହଷ୍ଟେଲର ଅନ୍ତେବାସୀ ମାନଙ୍କ ପରିମଳ ନିମନ୍ତେ ନିଆଯାଇଥିବା ପଦକ୍ଷେପ ଉପରେ କହିଲେ ଯେ ଖରା ସ୍କୁଲ ହକୋଲିବା ପୂର୍ବରୁ ମରାମତି କରିବା, ଝରକା ମାନଙ୍କରେ ମଶାରୀ ଟାଣିବା, ଔଷଧ ଯୁକ୍ତ ମଶାରୀ ବ୍ୟବହାର କରିବା ଉପରେ ସଚେତନତା କରିବାକୁ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦେଶ ଦେଇଥିଲେ । ଏହି ବୈଠକରେ ବିଭିନ୍ନ ବ୍ଲକର ଅଧ୍ୟକ୍ଷ, ଅଧ୍ୟକ୍ଷା, ସଦସ୍ୟ ସଦସ୍ୟା, ଜିଲ୍ଲାସ୍ତରୀୟ ଅଧିକାରୀ, ଯୋଗଦାନ କରିଥିଲେ ।

## ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ

# ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଯୁବଛାତ୍ର କ୍ରାନ୍ତି ସେନା

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ, ପୋଲିସ୍ ସହ ଧସ୍ତାଧସ୍ତି

ଭୁବନେଶ୍ୱର, ୧୬।୭ (ନି.ପ୍ର) : ବାଲେଶ୍ୱର ଫୀକର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦୁଃଖଦ ମୃତ୍ୟୁ କେବଳ ଜଣେ ଛାତ୍ରୀଙ୍କ ଆତ୍ମଦାହ ଘଟଣା ନୁହେଁ, ବରଂ ଏହା ଓଡ଼ିଶାର ଶିକ୍ଷା ବ୍ୟବସ୍ଥା, ମହିଳା ସୁରକ୍ଷା, ନାରୀ ନିର୍ଯ୍ୟାତନା ଓ ଓଡ଼ିଶାରେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ୍ ସରକାରର ଦାୟିତ୍ୱହୀନତା, ବିଫଳତା ଓ ଅସମ୍ବେଦନଶୀଳତାକୁ ଉଜାଗର କରିଦେଇଛି । ଏକ ଶିକ୍ଷା ପ୍ରତିଷ୍ଠାନର ଏଚ୍‌ଓଡି ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ କରି, ନ୍ୟାୟ ପାଇଁ ଲଢୁଥିବା ସୌମ୍ୟାଶ୍ରୀ ନିଜର ଶରୀରକୁ ନିଆଁ ଲଗାଇବାକୁ ବାଧ ହେଲେ, ଯାହା ଅତ୍ୟନ୍ତ ଦୁଃଖଦ ତଥା ଆମ ଶାସକୀୟ ବ୍ୟବସ୍ଥାର ନଗ୍ନ ଚିତ୍ର । ଏହା ଆତ୍ମହୁତି ନୁହେଁ ବରଂ ସରକାରଙ୍କର ଏକ ପ୍ରାୟୋଜିତ ହତ୍ୟା ବୋଲି ଯୁବଛାତ୍ର କ୍ରାନ୍ତି ସେନାର ଆବାହକ ପାର୍ଥସାରଥୀ ମୁଦୁଲି ଅଭିଯୋଗ କରିଛନ୍ତି । ପୀଡ଼ିତା ବାରମ୍ବାର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ




ଶିକ୍ଷାମନ୍ତ୍ରୀ, ସାଂସଦ, ବିଧାୟକ, ସ୍ଥାନୀୟ ପ୍ରଶାସନ ତଥା କଲେଜ ଅଧ୍ୟକ୍ଷକଙ୍କୁ ଚିଠି ଲେଖି ଓ ଟ୍ୱିଟ କରି ନ୍ୟାୟ ଓ ସୁରକ୍ଷା ପାଇଁ ନିବେଦନ କରିଥିଲେ । କିନ୍ତୁ ତାଙ୍କର ସ୍ୱର ଶୂନ୍ୟରେ ବିଲୀନ ହୋଇଗଲା । ସରକାର, ପୋଲିସ୍ ବା କଲେଜ ପ୍ରଶାସନ କେହି ମଧ୍ୟ ଛାତ୍ରୀଙ୍କ ଅନ୍ତିମ ସଂଘର୍ଷକୁ ଗୁରୁତ୍ୱ ଦେଇନଥିଲେ । ତାଙ୍କର ମୃତ୍ୟୁ କେବଳ ଦୁଃଖଦ ଘଟଣା ନୁହେଁ, ବରଂ ଏହା ଓଡ଼ିଶାର ଶିକ୍ଷା ଓ ଅବ୍ୟବସ୍ଥାର ଅନ୍ୟାୟ, ଅନୀତି, ନ୍ୟାୟ ବ୍ୟବସ୍ଥାର ଅସଂଗତି ଓ ମହିଳା ସୁରକ୍ଷା ପ୍ରତି ଶାସନ ଉଦାସୀନତାର ଜ୍ୱଳନ୍ତ ନିଦର୍ଶନ । ବିଜେପିର ଡବଲ ଇଞ୍ଜିନ ସରକାରରେ ଓଡ଼ିଶାରେ ନାରୀ ନିର୍ଯ୍ୟାତନା ଚରମ ସୀମାରେ ପହଞ୍ଚିଛି । ରାଜ୍ୟରେ ପ୍ରତିଦିନ ବଳାତ୍କାର ଓ ଗଣଦୁଷ୍କର୍ମ ବଢି ଚାଲିଛି । ଲୋକଙ୍କ ସରକାର କହୁଥିବା ମୋହନ ସରକାର ସବୁ ଜାଣି ନିଦାବିଷ୍ଟୁ ସାଜିଛନ୍ତି । ଏହି ଘଟଣାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଯୁବଛାତ୍ର କ୍ରାନ୍ତି ସେନା ତରଫରୁ ଆବାହକ ପାର୍ଥସାରଥୀ ମୁଦୁଲିଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନରୁ ଏକ ବିରାଟ ଶୋଭାଯାତ୍ରାରେ ବାହରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ପ୍ରୟାସ କରିଥିଲେ । ହେଲେ ପୋଲିସ୍ ସରକାରଙ୍କ ଗୁଣ୍ଡା ସାଜି କ୍ରାନ୍ତିସେନାର ଶାଣିତ ସ୍ୱରକୁ କଣ୍ଠରୋଧ କରିବାକୁ ଚେଷ୍ଟା କରିଥିଲ । ଏପରିକି ଛାତ୍ରମାନଙ୍କ ଉପରକୁ ଲାଠିଚାର୍ଜ କରିବାକୁ ପଛଘୁଞ୍ଚା ଦେଇନଥିଲା । ଯୁବଛାତ୍ରଙ୍କ କଣ୍ଠରୋଧ କରିବାକୁ ପୋଲିସ୍‌କୁ ଢାଲ କରିଛି ମୋହନ ସରକାର । ଯେପର୍ଯ୍ୟନ୍ତ ଭଉଣୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳଛି, ସେପର୍ଯ୍ୟନ୍ତ ଯୁବଛାତ୍ର କ୍ରାନ୍ତି ସେନା ତାର ଲଢେଇ ଜାରି ରଖିବ ବୋଲି ଆବାହକ ଶ୍ରୀ ମୁଦୁଲି କହିଛନ୍ତି । ଏହି ବିକ୍ଷୋଭରେ ଭିନିତ ସ୍ୱାଇଁ, କ୍ଷୀତିଶ ଚନ୍ଦ୍ର ବାରିକ, ସ୍ୱାଗତ କର, ସ୍ନେହାଶିଷ ଦାସ, ଜିଗର ସାହୁ, ଦେବାଶିଷ ସାହୁ ପ୍ରମୁଖ ସାମିଲ ହୋଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ ।

## ବିଜୁ ଯୁବଛାତ୍ର ଜନତାଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

କଟକ, ୧୬।୭ (ନି.ପ୍ର) : ବାଲେଶ୍ୱରସ୍ଥିତ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସ୍ୱର୍ଗତା ସୌମ୍ୟାଶ୍ରୀ ବିଶିଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ




ମାଝୀ ଓ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଇସ୍ତଫା ଦାବିକରି ଆଜି (ବୁଧବାର) କଟକସଦର ବିଜୁ ଯୁବ-ଛାତ୍ର ଜନତାଦଳ ପକ୍ଷରୁ ପ୍ରତିବାଦ କରାଯାଇଛି । ଏହି ଅବସରରେ ପ୍ରେସଛକରୁ ବିଜେଡି ଯୁବ-ଛାତ୍ରମାନେ ବିରାଟ ଶୋଭାଯାତ୍ରାରେ ବାହାରି ହାତରେ କ୍ୟାଣ୍ଡେଲ ଧରି ସରକାର ବିରୋଧୀ ନାରାବାଜି ଦେଇ ନୂଆପଡା ଛକରେ ପହଂଚିଥିଲେ । ପରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିଥିଲେ । ଏହି କାର୍ଯ୍ୟକ୍ରମରେ ୫୦ନଂ ୱାର୍ଡ ବିଜେଡି ସଭାପତି ରମେଶ ନାୟକ, ୫୧ନଂ ୱାର୍ଡ ବିଜେଡି ସଭାପତି ଜିତେନ୍ଦ୍ର ସ୍ୱାଇଁ, ଯୁବସମାଜସେବୀ ମନୋରଞ୍ଜନ ମହାପାତ୍ର, ଦେବୀପ୍ରସାଦ ଦାଶ, ଭବାନୀ ଶଙ୍କର ଦାଶ, ବିଶାଳ ରାୟ, ଅଭିଷେକ ପଶାୟତ, ପ୍ରକାଶ ମାଝୀ, ଦେବାଶିଷ ଦାସ, ଆଶୁତୋଷ ସାହୁ, ସର୍ବେଶ୍ୱର ମହାନ୍ତି, କମଳଜ୍ୟୋତି ଦାସ, ସୁଦର୍ଶନ ଜେନା, ନାରାୟଣ ଜେନା, ରୁଦ୍ରାଶିଷ ନାୟକ, ପ୍ରଭାସ ପଶାୟତଙ୍କ ସମେତ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ବିଜୁ ଯୁବ-ଛାତ୍ର ଅଂଶଗ୍ରହଣ କରିଥିଲେ ।



# ପ୍ରେସ୍ କାଉନସିଲ ନାମ ବ୍ୟବହାର ଉପରେ ନିଷେଧାଦେଶ

ଜଗତସିଂହପୁର,(ନି.ପ୍ର): 'ପ୍ରେସ କାଉନସିଲ ଅଫ ଇଣ୍ଡିଆ' ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ବୈଧାନିକ ସଂସ୍ଥା ହୋଇଥିବାରୁ କୌଣସି ଗଣମାଧ୍ୟମ ସଂସ୍ଥା 'ପ୍ରେସ କାଉନସିଲ' ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି । ଜିଲ୍ଲାରେ କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପଞ୍ଜିକରଣ ସମୟରେ ପ୍ରେସ କାଉନସିଲ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କେନ୍ଦ୍ର ସରକାରଙ୍କ ଅନୁମତି ବିନା କୌଣସି ସଂସ୍ଥା ପ୍ରେସ୍ କାଉନସିଲ ନାମ ବ୍ୟବହାର କଲେ ଏହା ଆଇନ୍ ଅନୁଯାୟୀ ଗ୍ରହଣୀୟ ନୁହେଁ । ତେଣୁ ଜିଲ୍ଲାର କୌଣସି ସରକାରୀ ସଂଘ ବା ଗଣମାଧ୍ୟମ ସଂସ୍ଥା ନିଜ ନାମରେ ପ୍ରେସ କାଉନସିଲ ବ୍ୟବହାର ନ କରିବାକୁ ଅନୁରୋଧ କରାଯାଉଛି ।

# ମାଗଣା ଚାରା ବଣ୍ଟନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଚଣ୍ଡିଖୋଲ: ଜଙ୍ଗଲ ହିଁ ପ୍ରକୃତିର ଶ୍ରେଷ୍ଠ ଅବଦାନ। ଜୀବନ ଓ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ। ପରିବେଶର ସନ୍ତୁଳନ କୁ ରକ୍ଷା କରି ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ର ସମ୍ଭାବନାକୁ ଜଙ୍ଗଲ ହିଁ ନିୟନ୍ତ୍ରଣ କରିଥାଏ। ଜଙ୍ଗଲ ସୁରକ୍ଷା ସହିତ ବହୁଳ ଭାବରେ ବୃକ୍ଷ ରୋପଣ ଏବଂ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି କରିବା ର ଲକ୍ଷ ନେଇମିଳିତ ବୃକ୍ଷ ବିକାଶ ଅଭିଯାନ ପକ୍ଷରୁ ଆଜି ଚଣ୍ଡିଖୋଲ ସନ୍ନିକଟ ଗାନ୍ଧୀ ଛକ ସ୍ଥିତ ବୀଣାପାଣି କଳା ପୀଠ ପରିସରରେ ଏକ ମାଗଣା ଚାରା ବଣ୍ଟନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜ୍ୟୋତିର୍ବିତ୍ ଶିବ ଶଙ୍କର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦିଲ୍ଲୀ ଗୁରୁଗାଓ ର ବାସିନ୍ଦା ଶାନ୍ତନୁ ରଣା ଯୋଗଦେଇ ବୃକ୍ଷ ରୋପଣ ର ମହତ୍ତ୍ୱ ଓ ମା କେ ନାମ ଏକ ପେଡ୍ ସହିତ ବଚୋ କେ ନାମ ଏକ ପେଡ ଲଗାଇବା ଓ ଏହାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ସହିଦ୍ ଲକ୍ଷ୍ମଣ ନାୟକ ଡେଭ୍ଲପମେଣ୍ଟ ସୋସାଇଟି ର ସଭାପତି ତଥା କୃଷକ ସମାଜ ସମ୍ପାଦକ ଭାସ୍କର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜ ସେବୀକା ପୁନମ ରଣା, ଓଡ଼ିଶା ବୃକ୍ଷ ବିକାଶ ଅଭିଯାନ ର ସଭ୍ୟା ଅଞ୍ଜୁ ମହାନ୍ତି, ପ୍ରଣତୀ ମହାନ୍ତି, ହରପ୍ରିୟା ମହାନ୍ତି ପ୍ରମୁଖ ଯୋଗଦେଇ ବୃକ୍ଷ ବଣ୍ଟନ କରିଥିଲେ। ବୀଣାପାଣି କଳା ପୀଠ ର ଅଧ୍ୟକ୍ଷ ବିପିନ ବିହାରୀ ସ୍ୱାଇଁ ଅତିଥି ମାନଙ୍କୁ ଉତ୍ତରୀୟ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।ଆଜିର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆମ୍ବ, ଲେମ୍ବୁ, ଗୁଆ ଓ ନଡ଼ିଆ ୪ଟି ଲେଖାଏ ଗଛ ବଣ୍ଟନ କରାଯାଇଥିଲା। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆଗାମୀ ଦୁଇମାସ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କୁହାଯାଇଛି।



# ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷ ଓ କଳ୍କୀ ଅବତାରଙ୍କ ବ୍ରହ୍ମଏକାକ୍ଷର ମେଳା ଅନୁଷ୍ଠିତ

ପଟ୍ଟାମୁଣ୍ଡାଇ: ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି ! ପୀଠର ପିଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା,ପଣ୍ଡିତ ଗୁରୁ ଚରଣ ପଣ୍ଡା,ସତ୍ୟରଞ୍ଜନ ପଣ୍ଡା, ସେବକ ଗଗନ ମହାଳିକଙ୍କ ତତ୍ତ୍ୱାବଧାନରେ ଓ କିଶୋର ରାଉତଙ୍କ ପୌରାହିତ୍ୟରେ ଆଜି କର୍କଟ ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ ଆୟୋଜିତ ମେଳାରେ ରତିକାନ୍ତ ଧଳ, କାର୍ତ୍ତିକ ରାଉତ, ଗଗନ ଧଳ, ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା,ସୁକାନ୍ତ ରାଉତ,ନରେନ୍ଦ୍ର ଧଳ,ଘନଶ୍ୟାମ ମଳିକ,ନକୁଳ ମଳିକ, ସୁନାକାର ମଳିକ, ବାବୁରାମ ସେଠି,ଅର୍ଜୁନ ସେଠି, କୁଳମଣି ଧଳ, ପବିତ୍ର ଧଳ, ଗୀତାଞ୍ଜଳି ନାୟକ,ରେଣୁବାଳା ରାଉତ, ଜମ୍ବୁବତୀ ରାଉତ , ପ୍ରମୁଖ ଯୋଗ ଦେଇ ଭଗବତ କାର୍ଯ୍ୟରେ ଭାଗ ନେଇ ଥିଲେ । ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପର୍ଣ୍ଣ ହୋଇଥିଲା । ଶେଷରେ ଗଗନ ମହାଳିକ, କିଶୋର ରାଉତ ପୂର୍ଣ୍ଣ ଆହୁତି ପ୍ରଦାନ କରିଥିଲେ।



# ପଶୁ ସହାୟକ କେନ୍ଦ୍ର,ମରାମତି ନାଁରେ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା

ଗଣିଆ,(ମନ୍ଥନ) ଗ୍ରାମାଞ୍ଚଳରେ ଗୃହପାଳିତ ଜୀବ ଜନ୍ତୁ ମାନଙ୍କର ହିତ ସାଧନ ପାଇଁ ପଶୁ ସହାୟକ କେନ୍ଦ୍ର ନିର୍ମାଣ କରାଯାଉଛି । ଏଥିପାଇଁ ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା । ତେବେ ସରକାରଙ୍କର ଏହି ଯୋଜନା ପ୍ରକୃତରେ କେତେ କାର୍ଯ୍ୟକାରୀ ହେଉଛି ସେ କଥା କେହି ଚିନ୍ତା କରୁନାହାନ୍ତି । ଫଳରେ 'ସରକାର କା ମାଲ୍ ଦରିଆମେ ଡାଲ୍' ନ୍ୟାୟରେ ପଡ଼ିରହିଛି ଯୋଜନା । ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କିଶୋର ପ୍ରସାଦ ପଞ୍ଚାୟତରେ ନିର୍ମାଣ କରାଯାଇଛି ପଶୁ ସହାୟକ କେନ୍ଦ୍ର । ତେବେ ନିର୍ମାଣ ଦିନ ଠାରୁ ଆଜି ପର୍ଯ୍ୟନ୍ତ ଉକ୍ତ କେନ୍ଦ୍ରଟି ଅଦରକାରୀ ତଥା ଅବ୍ୟବହୃତ ହୋଇ ପଡ଼ିରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପଶୁ ସହାୟକ କେନ୍ଦ୍ର ସହିତ କ୍ୱାର୍ଟର ମଧ୍ୟ ନିର୍ମାଣ କରାଯାଇଛି । କିନ୍ତୁ ବିଭାଗୀୟ ଅଧିକାରୀ ଏହି ପଶୁ ସହାୟକ କେନ୍ଦ୍ରକୁ ଆଡ ଆଖିରେ ଚାହୁଁ ନାହାନ୍ତି । ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଉକ୍ତ କେନ୍ଦ୍ର ଏବେ ଭୂତକୋଠି ପାଲଟିଛି । ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇ ସରିସୃପ ମାନଙ୍କର ଆଶ୍ରୟ ସ୍ଥଳୀରେ ପରିଣତ ହୋଇଛି । ଆଉ ଗୋଟିଏ କଥା ଗ୍ରାମ ଠାରୁ ପ୍ରାୟ ୨ କିଲୋମିଟର ଦୂର ଜଙ୍ଗଲ ଭିତରେ ଅପାନ୍ତର ସ୍ଥାନରେ ଏହା ନିର୍ମାଣ କରାଯାଇଛି ଯେଉଁଠିକି ସ୍ଥାୟୀ ରାସ୍ତା କି ପାଦଚଲା ରାସ୍ତା ମଧ୍ୟ ନାହିଁ । ଯାହା ଫଳରେ ଏହା କୌଣସି କାମରେ ଆସୁନାହିଁ ।

# କେନ୍ଦୁଝରରେ ଉଦଘାଟିତ ହେଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତା



କେନ୍ଦୁଝର, (ମନ୍ଥନ ନ୍ୟୁଜ):କେନ୍ଦୁଝର ଜିଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା ଓ ରାଜ୍ୟ କ୍ରୀଡା, ଯୁବସେବା ବିଭାଗ ସହାୟତାରେ ରାଜ୍ୟର ମର୍ଯ୍ୟାଦାପୂର୍ଣ୍ଣ ତଥା ସମ୍ମାନଜନକ ୬୪ତମ ସାହାଣୀ କପ ସିନିଅର ପୁରୁଷ ଆନ୍ତଃ ଜିଲା ଫୁଟବଲ ପ୍ରତିଯୋଗିତା ବୁଧବାର କେନ୍ଦୁଝର ଷ୍ଟାଡିୟମ ଠାରେ ଉଦଘାଟିତ ହୋଇଯାଇଛି। ଜିଲ୍ଲା ଅଥଲେଟିକ ଆସୋସିଏସନ ର ସମ୍ପାଦକ ତଥା ରାଜ୍ୟ ଉପସଭାପତି ଡ଼ଃ ଜନାର୍ଦ୍ଦନ ଦାଶ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉଦଘାଟନି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂସ୍ଥା ର ସଭାପତି ଜିଲ୍ଲାପାଳ ବିଶାଲ ସିଂହ ଏବଂ ଉପସଭାପତି ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ଆଇ.ଏ.ଏସ ପ୍ରଭେସନର ପବନ କୁମାର, ଓଡିଶା ଅଥଲେଟିକ ଆସୋସିଏସନ ର ରାଜ୍ୟ ଉପସଭାପତି ଡ଼ଃ ଗୌରଗୋବିନ୍ଦ ସାମନ୍ତ,ଏହି ଟୁର୍ଣ୍ଣାମେଣ୍ଟ ର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂଘ ଉପସଭାପତି ସୁରେଶଚନ୍ଦ୍ର ପଟ୍ଟନାୟକ, ସହସମ୍ପାଦକ ରବୀନ୍ଦ୍ର ପାଢ଼ି, ପୂର୍ବତନ ଜାତୀୟ ସ୍ତରୀୟ ଫୁଟବଲ ଖେଳାଳି ରାମ ଚନ୍ଦ୍ର ଦାଶ,ଜାତୀୟ ସ୍ତରୀୟ ଫୁଟବଲ ରେଫରୀ ଜଗନ୍ନାଥ ଲାୟକ ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଫୁଟବଲ ପ୍ରତି କେନ୍ଦୁଝର ଜିଲ୍ଲାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଥମେ ଯାଜପୁର ଏବଂ ରାଉରକେଲା ଷ୍ଟିଲପ୍ଲାଣ୍ଟ ମଧ୍ୟରେ ଚିତ୍ତାକର୍ଷକ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଷ୍ଟିଲପ୍ଲାଣ୍ଟ ଦଳ ୪ - ୧ ଗୋଲ ରେ ବିଜୟୀ ହୋଇଥିଲା। ପରବର୍ତ୍ତୀ ଅଧ୍ୟାୟରେ ଅନୁଗୁଳ ଏବଂ କେନ୍ଦୁଝର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁଝର ୧-୦ ରେ ବିଜୟୀ ହୋଇଥିଲା। ଦୀର୍ଘ ଦିନ ବ୍ୟବଧାନ ରେ ଏହିପରି ଏକ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଥିବା ରୁ ଫୁଟବଲ ପ୍ରେମୀ ମାନଙ୍କ ମଧ୍ୟରେ ଖୁବ ଉତ୍ସାହ ଦେଖିବାକୁ ମିଳିଥିଲା। ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଖେଳକୁ ଉପଭୋଗ କରିଥିଲେ। ରାଜ୍ୟ ସ୍ତରୀୟ ରେଫରି ମନେ ସୁନ୍ଦର ଭାବେ ଖେଳକୁ ପରିଚାଳନା କରିଥିଲେ। ପୋଲିସ ବାହିନୀ ପକ୍ଷରୁ ଶାନ୍ତି ଶୃଙ୍ଖଳା ତଥା ଗାଡି ପାର୍କିଙ୍ଗ ର ସୁପରିଚାଳନା କରାଯାଇଥିଲା। ଆଗାମି ଖେଳ ଗୁଡିକୁ ବହୁ ସଂଖ୍ୟାରେ ଦର୍ଶକ ଆସି ଉପଭୋଗ କରିବା ପାଇଁ କ୍ରୀଡା ସଂଘ ପକ୍ଷରୁ ନିବେଦନ କରାଯାଇଛି। ପ୍ରତିଦିନ ପ୍ରଥମ ମ୍ୟାଚ୍‌ଟି ଅପରାହ୍ନ ୨ଟା ରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ଟି ଅପରାହ୍ନ ୪ଟା ରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ରେ କୋଷାଧକ୍ଷ ସରୋଜ କୁମାର ରଣା,କାଉନସିଲ ସଦସ୍ୟ ସନ୍ଦୀପ କୁମାର ବେହେରା, ସୁରେଶ ଚନ୍ଦ୍ର ରଣା ଓ ସନାତନ ବେହେରା, ସଦସ୍ୟ ପ୍ରଶାନ୍ତ କୁମାର ସାହୁ, ମାର୍କଣ୍ଡ ସାମଲ, ବସନ୍ତ କୁମାର ସାହୁ, ରାଜକୁମାର ମିଶ୍ର, ବୀରେନ୍ଦ୍ର କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପୂର୍ତ୍ତ ରାସ୍ତା ପାଲଟିଛି ମରଣଯନ୍ତା, ନୟାଗଡ଼ ପୂର୍ତ୍ତ ବିଭାଗ ନୀରବଦ୍ରଷ୍ଟା



ନୂଆଗାଁ(ମନ୍ଥନ): ନୟାଗଡ଼ ଜିଲ୍ଲା ଖୋର୍ଦ୍ଧା ବଲାଙ୍ଗୀର ୫୭ ନଂ ଜାତୀୟରାଜପଥ ର ମହିପୁର ଛକ ଠାରୁ ବାହାଡ଼ାଝୋଲା ମାଣିକପାଟଣା ଛକ ଠାରେ ଓଡ଼ଗାଁ ନୂଆଗାଁ ପୂର୍ତ୍ତ ରାସ୍ତା କୁ ସଂଯୋଗ କରୁଥିବା ପ୍ରାୟ ୧୫ କିମି ରାସ୍ତା ଦେଇ, ଦୈନିକ ଶହ ଶହ ଯାନବାହାନ ଚଳାଚଳ କରିଥାଏ ଏବଂ ଏହି ରାସ୍ତା ଦେଇ ହଜାର ସଂଖ୍ୟାରେ ଲୋକ ଯାତାୟତ କରିଥାନ୍ତି। ଏହି ପୂର୍ତ୍ତ ରାସ୍ତା ଦେଇ ଅଞ୍ଚଳ ବାସି ବିଭିନ୍ନ କାମପାଇଁ ନୂଆଗାଁ ସ୍ଥିତ ବ୍ଲକ,ତହସିଲ, ସବ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, ନୟାଗଡ଼ ଜିଲ୍ଲା ସ୍ଥିତ ବିଭିନ୍ନ କାର୍ଯ୍ୟାଳୟ , ଚିକିତ୍ସା ପାଇଁ ନୟାଗଡ଼ ଜିଲ୍ଲା ଚିକିତ୍ସାଳୟ ଏବଂ ବାଣିଜ୍ୟ ବ୍ୟାବସାୟ କରିବା ପାଇଁ ଯାଇଥାନ୍ତି। ହେଲେ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଖାଲ ଖମା ସୃଷ୍ଟି ହୋଇଥିବାର ଦେଖିବାକୁ ମିଳୁଥିବା ବେଳ ସାମାନ୍ୟ ବର୍ଷା ହେଲେ ସେଥିରେ ପାଣି ଜମି ରହୁଥିବାରୁ,ଯାନ ବାହାନ ଚାଳକ ଓ ଯାତାୟତ କରୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସୀଙ୍ଗାରପଲ୍ଲୀ ପଞ୍ଚାୟତ ଦେଇ ଯାଇଥିବା ଏହି ପୂର୍ତ୍ତ ରାସ୍ତା ର, ଅଞ୍ଚଣ୍ଡିଝୋଲା ନୂଆସାହି ଗାଁ ମୁଣ୍ଡ ଏବଂ ଶୁଣ୍ଡିଝୋଲା ବଡ଼ସାହି ପୋଖରୀ ନିକଟ ଦେଇ ଯାଇଥିବା ରାସ୍ତା ମଧ୍ୟରେ ବିରାଟ ବିରାଟ ଗଭୀର ଖାଲ ଖମା ମାନ ସୃଷ୍ଟି ହୋଇ,ବର୍ଷା ପାଣି ଜମି ରହିଛି,ଯାହାକି ବାଇକ ଆରୋହୀ, ଯାନବାହାନ ଚାଳକ ଓ ପଥ ଚାରୀଙ୍କ ପାଇଁ ପାଲଟିଛି ମରଣଯନ୍ତା। ଏହି ରାସ୍ତା ଦେଇ ଦୈନିକ ଶହ ଶହ ବାଇକ ଓ ଭାରି ଯାନ ବାହାନ ଚଳାଚଳ କରୁଥିବାରୁ ରାସ୍ତାରେ ସୃଷ୍ଟି ହୋଇଥିବା ଏହି ବଡ଼ ବଡ଼ ଗଭୀର ଗର୍ତ୍ତ ଯୋଗୁଁ, ଯାନ ବାହାନ ଚଳା ଚଳ ରେ ବ୍ୟାଘାତ ସୃଷ୍ଟି ହେବା ସହ ଦୈନିକ ଦୁର୍ଘଟଣା ମାନ ଘଟୁଥିବାର ଅଭିଯୋଗ ହେଉଛି। ପୂର୍ତ୍ତ ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ଖମା ସବୁକୁ ପୋତି ଜନସାଧାରଣଙ୍କ ଯାତାୟତ କୁ ସୁଗମ କରିବା ପାଇଁ ନୟାଗଡ଼ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଙ୍କୁ ଜଣାଇଥିଲେ ସୁଦ୍ଧା ,ଆଜି ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ରାସ୍ତା ମଧ୍ୟରେ ସୃଷ୍ଟି ହୋଇଥିବା ଏହି ବଡ଼ ବଡ଼ ଗଭୀର ଖାଲ ଖାମା କୁ ପୋତି, ଜନସାଧାରଣଙ୍କ ଯାତାୟତ କୁ ସୁରକ୍ଷିତ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଯାହାକୁ ନେଇ ସାଧାରଣ ରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଣୁ ଏହି ପୂର୍ତ୍ତ ରାସ୍ତା ମଧ୍ୟରେ ସୃଷ୍ଟି ହୋଇଥିବା, ଗଭୀର ବଡ଼ ବଡ଼ ଗର୍ତ୍ତ ଓ ଖାଲ ଖମା ଯୋଗୁଁ କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ନୟାଗଡ଼ ପୂର୍ତ୍ତ ବିଭାଗିୟ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳ ବାସି ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# କାଦୁଅ ଯୋଗୁଁ ଅଟକି ରହିଲା ସରକାରୀ ବସ ପ୍ରଶାସନିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅବହେଳା





କଳାହାଣ୍ଡି,ଥୁଆମୂଳ ରାମପୁର,(ମନ୍ଥନ ନ୍ୟୁଜ):- ବର୍ତ୍ତମାନ ବର୍ଷା ସମୟ ଚାଲିଛି ପ୍ରାୟ ସ୍ଥାନର ବିଭିନ୍ନ ରାସ୍ତାଘାଟର ଅବସ୍ଥା କେବଳ କାଦୁଅରେ ପଚ୍‌ପଚ୍ ହେତୁ ଗାଡିମଟର ଚଳାଚଳରେ ଅସୁବିଧା ପଥ ଚାରିଙ୍କ ଦୁଃଖ କହିବାକୁ ନସରେ। ରାସ୍ତାଘାଟର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଅନୁଦାନର ସୁଅ ଛୁଟୁଛି, ତଥାପି ରାସ୍ତାଘାଟର ଉନ୍ନତି ହେବା ବଦଳରେ ଆହୁରି ବିଗିଡି ଯାଉଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଦୁର୍ଗମ ଅଞ୍ଚଳର ରାସ୍ତାଘାଟ ଯେଉଁଠି ଦେଖିଲେ ଖାଲି କାଦୁଅରେ ପଚ୍‌ପଚ୍। ଯେଉଁ ରାସ୍ତା ପାଇଁ ସବୁଠି ଚର୍ଚ୍ଚା ହେଉଛି ଯେଉଁଠି କି କୋଟି କୋଟି ଟଙ୍କାର ରାଜସ୍ୱ ଆସୁଛି ତାହା ହେଉଛି ବାଫଲା ମାଇନ୍ସ ଏରିଆ, ଯେତେଅଧିକ ପରିମାଣରେ ଉନ୍ନତିରେ ଆଗେଇବା କଥା ନ ହୋଇ ଅଧିକ ପରିମାଣରେ ସେତେ ଶୋଚନୀୟ ହୋଇପଡିଛି। ରାଜନୈତିକ ଦଳର ବ୍ୟକ୍ତି ମାନେ ଥାଉଁ ଥାଉଁ କାହିଁକି ସାମାନ୍ୟ ରାସ୍ତା ଘାଟର ଉନ୍ନତି ହୋଇପାରୁନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦୀର୍ଘ ବର୍ଷଧରି କିଛି ସ୍ଥାନର ରାସ୍ତା ଘାଟ ଶୋଚନୀୟ ହୋଇପଡିଥିବା ବେଳେ ଗାଡିମଟର ଚଳାଚଳରେ ବ୍ୟାପକ ଭାବରେ ଅସୁବିଧା ହେଉଥିବା ଦେଖିବାକୁ ମିଳୁଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଧିନରେ ଥିବା ଡୁମେରପଦର ଆଦର୍ଶ ଗ୍ରାମପଞ୍ଚାୟତ ସ୍ଥିତ ମୁଖ୍ୟ ରାସ୍ତା। ଏହି ରାସ୍ତା ଭବାନୀପାଟଣା, ରୁ ଥୁଆମୂଳ ରାମପୁର, ଅଡ୍ରି, ଗୋପିନାଥପୁର, ମାଳିଗାଁ ଗ୍ରାମପଞ୍ଚାୟତକୁ ସଂଯୋଗ କରୁଥିବା ବେଳେ ରାୟଗଡ଼ା ଜିଲ୍ଲା କାଶୀପୁର ଓ ଟିକ୍ରି ସହ ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ସଂଯୋଗ କରୁଛି। ରାସ୍ତାରେ ଦିନ ତମାମ ଭାରିଯାନ ସହିତ ଯାତ୍ରୀବାହୀ ବସ ସମେତ ଅନ୍ୟାନ୍ୟ ଗାଡିମୋଟର ଚଳାଚଳ କରିଥାଏ। କିନ୍ତୁ ଡୁମେରପଦର ଗ୍ରାମର ଶେଷ ମୁଣ୍ଡରେ ଥିବା ଏହି ମୁଖ୍ୟ ରାସ୍ତାର ନବୀକରଣ ଓ ପ୍ରସସ୍ତି କରଣରେ ବାଧା ଉପୁଜୁ ଥିବା ଜଣାପଡିଛି। ଯାହା ଫଳରେ ଅଳ୍ପ ଝିପି ଝିପି ବର୍ଷା ହେବାଦ୍ୱାରା ଭବାନୀପାଟଣା ଠାରୁ ଗୋପିନାଥପୁର ଯାଉଥିବା ସରକାରୀ ବସ ଦୀର୍ଘ ସମୟ ଧରି ଫସିରହିଥିବା ବେଳେ ଯେସିବି ସାହାଯ୍ୟରେ ବସ କୁ ଭଲ ରାସ୍ତା କୁ ଆଣିଥିବା ଜଣାପଡ଼ିଛି କ୍ଷ ବିଶ୍ୱସ୍ତ ସୂତ୍ରରୁ ଏହା ଜଣାଯାଏ ଯେ ମୁଖ୍ୟ ରାସ୍ତାର ଦୁଇପାର୍ଶ୍ୱରେ କିଛି ସ୍ଥାନୀୟ ବ୍ୟକ୍ତିଙ୍କର ନିଜସ୍ୱ ଭୂମି ରହିଛି ସେଥିପାଇଁ ସମାଧାନରେ ବାଧାସୃଷ୍ଟି ହେଉଅଛି। ତେଣୁ ଡୁମେରପଦର ଏହି ଶେଷ ମୁଣ୍ଡରେ ଥିବା ମୁଖ୍ୟ ରାସ୍ତା ଶୋଚନୀୟ ଅବସ୍ଥାରେ ଦୀର୍ଘ ଦିନ ହେବ ସେମିତି ପଡିରହିଛି ଯାହାଫଳରେ ରାସ୍ତାର ନବୀକରଣ ଓ ପ୍ରସସ୍ତି କରଣରେ ବାଧାସୃଷ୍ଟି ହେଉଥିବା ସହ ଯାତ୍ରୀଙ୍କ ପାଇଁ ମଧ୍ୟ ଅନେକ ସମସ୍ୟା ଉପୁଜୁଥିବା ଜଣାପଡିଛି। ଏଠାରେ ରାସ୍ତା ନବୀକରଣ ଯଦି ନହୁଏ ତେବେ ଗାଡିମଟର ଚଳାଚଳରେ ଏମିତି ହିଁ ବାଧାସୃଷ୍ଟି ହେବା ସହିତ ଲୋକେ ନାହିଁନଥିବା ଅସୁବିଧା ଭୋଗିବା ହିଁ ରହିବ, ଏହାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ଅଧିକାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ବୁଝାମଣା ହେବା ନିହାତି ଭାବରେ ଜରୁରୀ ରହିଛି ବୋଲି ଚର୍ଚ୍ଚା ହେଉଛି, । ବର୍ଷା ସମୟରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଥିବା ଯୋଗୁଁ ଗାଡିମଟର ଚଳାଚଳରେ ଅସୁବିଧା ହେଉଥିବା ଘଟଣା ଯେମିତି ଆଗକୁ ନହୁଏ ସେନେଇ ବିଚାର କରିବା ଆବଶ୍ୟକତା ବୋଲି ଗ୍ରାମବାସୀ ଆଲୋଚନା କରୁଛନ୍ତି ।

# ସରକାରଙ୍କ ସହଯୋଗ ଠାରୁ ଅପହଞ୍ଚ ଦୂରରେ ବାସନ୍ତୀ



ପଟ୍ଟାମୁଣ୍ଡାଇ: ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ କୂଳସାହି ଗ୍ରାମ ର ବାସନ୍ତୀ ଆରୁଖ ୬୦ ବର୍ଷିୟ ବିଧବା ବୁଢୀ ସମସ୍ତ ସରକାରୀ ସୁବିଧା ରୁ ବଞ୍ଚିତ ୨୦୨୧ ମସିହାରୁ ବିଧବା ହୋଇ ଥିବା ଅସହାୟ ବାସନ୍ତୀ ୨୦୨୩ ରେ ବିଧବା ଭତ୍ତା ପାଇବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ଜନକ ହୋଇପାରେ. ନୂଆ ସରକାର ଓ ନୂଆ ଯୋଜନା ପାଇବା ଆଶାରେ ବାସନ୍ତୀ ବି ଥିଲା ଆଶାୟୀ. ସରକାର ଆସିଲା ଯୋଜନା ବି ହେଲା କିନ୍ତୁ ବାସନ୍ତୀ ସବୁ ଯୋଜନା ରୁ ବାଦ ପଡିଲା। ଘରେ ବଢ଼ିଲା ଝିଅ ଓ ନିଜ ପେଟ ପୋଷିବା ପାଇଁ ବୁଢୀ କୁ ଆ ତା ଗୁହାଳ ପୋଛିବାକୁ ପଡିଲା ଅନ୍ତୋଦୟ ଗୃହ ଯୋଜନା କାହା ପାଇଁ ବୋଲି ଏବେ ପ୍ରଶ୍ନ ଉଠେ ବ୍ରାହ୍ମଣୀ ନଦୀ ର ଗର୍ଜନ କୂଳେ ବାସନ୍ତୀ ଟିଣ ଘର କରି ବଢ଼ିଲା ଝିଅ କୁ ନିଜେ ଓଦା ହୋଇ ସୁରକ୍ଷା ଦିଏ ବଣ ଜଙ୍ଗଲ ଭିତରେ ଛୋଟିଆ ଘର କେତେ ବେଳେ ସାପ, ବେଙ୍ଗ ଜୀବନ ନେବାର ସମ୍ଭାବନା ଥିଲେ ବି ଗୁମୁରି କାନ୍ଦି ନିଜ କୁ ସମ୍ଭାଳି ନିଏ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଓଡିଶା ସରକାର ସୁଭଦ୍ରା ଯୋଜନା ଲାଗେ ବାସନ୍ତୀ ପାଖରେ ବାଟବଣା ହୋଇଯାଇଛି। ବାରମ୍ବାର ସୁଭଦ୍ରା ଟଙ୍କା ପାଇଁ ଖାଲି ପାଦରେ ଦାଣ୍ଡିସାହି ବଜାର ଯାଇ ହତାଶ ହେଇ ଚୁପ୍ ରହିଛି। ବାସନ୍ତୀ ପ୍ରଶାସନ ଓ ସ୍ଥାନୀୟ ନେତା କେବେ ବାସନ୍ତୀ କୁ ଘର ଓ ସୁଭଦ୍ରା ଟଙ୍କା ଦେବେ ଦେଖିବାକୁ ବାକି ରହିଲା

# ମୃତା ଛାତ୍ରୀଙ୍କ ପାଇଁ ଛାତ୍ର ବିଜେଡିର ବିକ୍ଷୋଭ, କ୍ୟାଣ୍ଡେଲ ଶୋଭାଯାତ୍ରା

ନୟାଗଡ଼, (ମନ୍ଥନ )୧୬-୦୭ବାଲେଶ୍ୱର ଛାତ୍ରୀ ମୃତ୍ୟୁକୁ ନେଇ ନୟାଗଡ଼ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ବିଜୁ ଜନତା ଦଳ ଜିଲ୍ଲା ସଭାପତିଙ୍କ ଆହ୍ୱାନ କ୍ରମେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଆୟୋଜିତ ବିକ୍ଷୋଭରେ ଛାତ୍ର ଛାତ୍ରୀ ସାମିଲ ହୋଇ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବ୍ୟାନର ଛାତ୍ର ଛାତ୍ରୀ ମାନେ ପୋଡ଼ିଥିଲେ ରାଜ୍ୟ ସରକାରଙ୍କ ଅବହେଳା ପାଇଁ ଜଣେ ଛାତ୍ରୀଙ୍କ ଜୀବନ ଚାଲିଗଲା ବୋଲି ଛାତ୍ର ନେତା ମାନେ ଅଭିଯୋଗ କରିଛନ୍ତି ଛାତ୍ର ବିଜେଡି ନେତା ଅମୁଲ୍ୟ ସାହୁ, ସଂଜୀବ କୁମାର ମିଶ୍ର, ପ୍ରମୋଦ କୁମାର ସାହୁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସନ୍ଧ୍ୟାରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ନାରାୟଣୀ ମନ୍ଦିର ଠାରୁ ଟ୍ରାଫିକ ଛକ ପର୍ଯ୍ୟନ୍ତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ମୃତା ଛାତ୍ରୀଙ୍କ ଆମର ଆତ୍ମାର ସଦଗତି କାମନା କରାଯିବା ସହ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରାଯାଇଥିଲା




# ମା ଙ୍କ ନାମରେ ଗୋଟିଏ ଗଛ

କୃଷ୍ଣପ୍ରସାଦ, (ମନ୍ଥନ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନାରାୟଣ ବିଦ୍ୟାପୀଠ ନୂଆପଡ଼ା ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୃଷ୍ଣପ୍ରସାଦ ବିଡ଼ିଓ ଅମିୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ବନମହୋତ୍ସବର ଉଦ୍ଦେଶ୍ୟ ଓ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ । ତତ ସଙ୍ଗେ ସଙ୍ଗେ ଭାରତର ଜସ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମା ଙ୍କ ନାମରେ ଗୋଟିଏ ଗଛ ଲଗେଇବା ସକାଶେ ଆହ୍ୱାନ କରିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ନିଜ ନିଜ ଗ୍ରାମରେ ବୃକ୍ଷ ରୋପଣ କରିବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଆଲୋକ କୁମାର ବନ୍ଧ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ୍,ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ବିଆରସିସି ସିଧେଶ୍ୱର କରଣ,ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟ ପରିସରରେ ଅଁଳା,ବେଲ, ଆମ୍ବ,ଡାଳିମ୍ବ ଭଳି ବିଭିନ୍ନ କିସମର ଶତାଧିକ ବୃକ୍ଷ ରୋପଣ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସମେତ ସମସ୍ତ ଛାତ୍ରଛାତ୍ରୀ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



# ପ୍ରାଣୀ ଚିକିତ୍ସାଳୟକୁ ମିଳିଲା ନୂତନ ଆମ୍ବୁଲାନ୍ସ

କୃଷ୍ଣପ୍ରସାଦ,(ମନ୍ଥନ): ଦୀର୍ଘ ବର୍ଷ ପରେ କୃଷ୍ଣପ୍ରସାଦ ପ୍ରାଣୀ ଚିକିତ୍ସାଳୟକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନୂତନ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି । ଜରୁରୀକାଳୀନ ପରିସ୍ଥିତିରେ ପଶୁପକ୍ଷୀଙ୍କ ଚିକିତ୍ସା ନିମନ୍ତେ ଅତ୍ୟାଧୁନିକ ଆମ୍ବୁଲାନ୍ସ ସେବାର ଆବଶ୍ୟକତା ଥିବା ବେଳେ ଏହି ନୂତନ ଯାନଟି ଅଞ୍ଚଳବାସୀଙ୍କ କାର୍ଯ୍ୟରେ ସଦା ସର୍ବଦା ସହାୟକ ହେବ ବୋଲି କୃଷ୍ଣପ୍ରସାଦ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡା ସୁଦତ୍ତା ପଟ୍ଟନାୟକ କହିଛନ୍ତି । ଆମ୍ବୁଲାନ୍ସ ସେବା ଉପଲବ୍ଧ ହେବା ପରେ କୃଷ୍ଣପ୍ରସାଦ ଅଞ୍ଚଳର ଗୋପାଳକ ଓ ପଶୁ ପାଳକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଭ୍ରାମ୍ୟମାଣ ପଶୁ ଚିକିତ୍ସା ନିମନ୍ତେ ଏହି ନୂତନ ଆମ୍ବୁଲାନ୍ସରେ ସମସ୍ତ ଆନୁସଙ୍ଗିକ ସୁବିଧା ଥିବା କୃଷ୍ଣପ୍ରସାଦ ପ୍ରାଣୀ ଚିକିତ୍ସା ଅଧିକାରିଣୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ।

ସମ୍ବାଦ

ଗୁରୁବାର ୧୭ ଜୁଲାଇ ୨୦୨୫, ଭୁବନେଶ୍ୱର

THURSDAY 17 JULY, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସମ୍ପାଦକୀୟ

## ଶିକ୍ଷାର ସ୍ଥିତି

ଏଥିରେ ଦ୍ୱିଧା ନାହିଁ ଯେ, ଦେଶରେ ସରକାରୀ ବିଦ୍ୟାଳୟଗୁଡ଼ିକର ପାଠପଢ଼ା ପରିବେଶ ଅତ୍ୟନ୍ତ ଚିନ୍ତାଜନକ । ସରକାରୀ ବିଦ୍ୟାଳୟରେ କେଉଁଠି ଗୋଟିଏ କକ୍ଷରେ ୩ଟି ଶ୍ରେଣୀ ଚାଲିଛି ତ କେଉଁଠି ପିଲା ନାହାଁନ୍ତି। ଶିକ୍ଷକ ଅଭାବ ସରକାରୀ ବିଦ୍ୟାଳୟଗୁଡ଼ିକରେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥିବାବେଳେ ଅଷ୍ଟମ ଶ୍ରେଣୀ ପିଲା ତୃତୀୟ ଶ୍ରେଣୀ ଗଣିତ କରିପାରୁନାହାଁନ୍ତି। ନିକଟରେ ଜାତିସଂଘ ଓ ଅସର ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହି ଚିନ୍ତାଜନକ ତଥ୍ୟ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଶିକ୍ଷାର ବିକାଶ ଲାଗି କେନ୍ଦ୍ର ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଣୟନ କରିଛନ୍ତି। ଜାତୀୟ ଶିକ୍ଷାନୀତିରେ ଥିବା ତ୍ରିଭାଷୀ ପ୍ରସଙ୍ଗକୁ ନେଇ ଏବେ କେତେକ ରାଜ୍ୟରେ ବିରୋଧ ମୁଣ୍ଡ ଟେକିଛି। ଏହା ସତ୍ତ୍ୱେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ୨.୦ ଗ୍ରେଡିଂ ଢାଂଚା ଏବେ ଶିକ୍ଷାର ବିକାଶ ନେଇ କେତେକ ସୁଖଦ ଖବର ଆଣିଛି। ୨୦୧୭-୧୮ ରୁ ୨୦୨୨-୨୩ ମଧ୍ୟରେ ଉଚ୍ଚ ର୍ୟାଙ୍କି ଏବଂ ନିମ୍ନ ର୍ୟାଙ୍କିରେ ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ସରକାରୀ ବିଦ୍ୟାଳୟଗୁଡ଼ିକର ସଫଳତା ନେଇଥିବା ତାରତମ୍ୟ ୫୧ ପ୍ରତିଶତରୁ ୪୨ପ୍ରତିଶତକୁ ହ୍ରାସ ପାଇଛି। ଏହା ନିସନ୍ଦେହ ଯେ, ଏହା ଏକ ଆଖିଦୃଷ୍ଟିଆ ସଫଳତା ବୋଲି କୁହାଯାଇପାରେ। କିନ୍ତୁ ଦୁର୍ଭାଗ୍ୟର କାରଣ ଏହା ଯେ, କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଂଚଳ କୌଣସି ଟପ୍ ଗ୍ରେଡ ଦକ୍ଷ, ଉତ୍କର୍ଷ, ଉତମ ଓ ଅତି ଉତମ ହାସଲ କରିପାରନାହାଁନ୍ତି। ସେମାନେ 'ପ୍ରଚେଷ୍ଟା' ଏବଂ 'ଆକାଂକ୍ଷୀ' ସ୍ତରରେ ରହିଯାଇଛନ୍ତି। ଏପରିକି କେନ୍ଦ୍ରଶାସିତ ଅଂଚଳ ଚଣ୍ଡିଗଡ, ଯେ କି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ମଧ୍ୟରେ ୧୦୦୦ରୁ ସର୍ବାଧିକ ସ୍କୋର କରିଥିବା ସତ୍ତ୍ୱେ ଏବେ କେବଳ ପ୍ରଚେଷ୍ଟା ଲେବୁଲ-୧ ସ୍ତରରେ ପ୍ରବେଶ କରିବାକୁ ସମର୍ଥ ହୋଇଛି। ପୂର୍ବରୁ ଚଣ୍ଡିଗଡ ପ୍ରଚେଷ୍ଟା ଲେବୁଲ-୨ସ୍ତରରେ ଥିଲା। ନିକଟରେ ୬ଟି କ୍ଷେତ୍ର ତଥା ଶିକ୍ଷା ଫଳାଫଳ, ସୁବିଧା ସୁଯୋଗ, ଭିତିଭୂମି, ସମାନତା ପ୍ରଶାସନିକ ପ୍ରକ୍ରୀୟା ଏବଂ ଶିକ୍ଷକ ତାଲିମ ଉପରେ ଦେଶବ୍ୟାପୀ ହୋଇଥିବା ପିଜିଆଇ ପରୀକ୍ଷାରେ କେରଳ ହେଉଛି ଏକାମତ୍ର ରାଜ୍ୟ ଯେ କି, ଶିକ୍ଷକ, ପ୍ରଶିକ୍ଷଣ ଓ ତାଲିମରେ କେବଳ ଦକ୍ଷ ସ୍ତରରେ ପହଁଚିବାକୁ ସମର୍ଥ ହୋଇଥିବାବେଳେ ଅନ୍ୟ କୌଣସି କ୍ଷେତ୍ରରେ ଉତମ ଫଳାଫଳ ପ୍ରଦର୍ଶନ କରିପାରିନାହିଁ। କହିବା ବାହୁଲ୍ୟ ଯେ, ଏହି କ୍ଷେତ୍ରଗୁଡ଼ିକରେ ସଫଳତା ନେଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ମଧ୍ୟରେ କେରଳ ମଧ୍ୟମ ସ୍ତରରେ ରହିବାକୁ ସକ୍ଷମ ହୋଇଛି। ର୍ୟାଙ୍କିର ସବା ତଳ ସ୍ତରରେ ପାଂଚଟି ରାଜ୍ୟ ତଥା ମେଘାଳୟ, ଅରୁଣାଚଳ ପ୍ରଦେଶ, ମିଜୋରାମ, ନାଗାଲାଣ୍ଡ ଏବଂ ବିହାର ରହିଥିବାବେଳେ ର୍ୟାଙ୍କିର ଉପର ତଥା ଉଚ୍ଚ ସ୍ତରରେ ଚଣ୍ଡିଗଡ, ପଞ୍ଜାବ, ଦିଲ୍ଲୀ, ଗୁଜରାଟ ଓ ଓଡିଶା ରହିଛି। ଓଡିଶା ସମାନତା କ୍ଷେତ୍ରରେ ଜାତି, ଲିଙ୍ଗ ଓ ଆଂଚଳିକ କ୍ଷେତ୍ରରେ ଥିବା ତାରତମ୍ୟକୁ ହ୍ରାସ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କିନ୍ତୁ ଶିକ୍ଷା ଫଳାଫଳ କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ଗୁରୁତର ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା କୁହାଯାଇଛି। ଉଲ୍ଲେଖ କରାଯାଇପାରେ ଏହି କ୍ଷେତ୍ରରେ ଗୁରୁତର ନିଅଂଟିଆ ସ୍ଥିତିର ସମ୍ମୁଖୀନ ହୋଇଥିବା ଆନୁଆଲ ଷ୍ଟାଟସ ଅଫ ଏଜୁକେଶନ (ଅସର) ୨୦୨୪ ରିପୋର୍ଟରେ ଦର୍ଶାଇଥିଲା। ଅନ୍ୟ କେତେକ ରାଜ୍ୟ ବିଶେଷ କରି ଛତିଶଗଡ, ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ଲକ୍ଷ୍ୟ ହାସଲ ସ୍ତରର ତଳେ ରହିଛନ୍ତି। ପଶ୍ଚିମବଙ୍ଗରେ ହଠାତ ଶିକ୍ଷକ ସଂଖ୍ୟା ହ୍ରାସ ଏବଂ ଅସ୍ଥିରତା ଏହା କାରଣ ହୋଇପାରେ। ତେବେ ୨୦୧୮ରୁ ୨୦୨୪ ମଧ୍ୟରେ ଓଡିଶା ସମେତ ହିମାଚଳ ପ୍ରଦେଶ, ଗୋଆ, ଚଣ୍ଡିଗଡ, ତେଲେଙ୍ଗାନା ଉଲ୍ଲେଖନୀୟ ଲକ୍ଷ୍ୟ ସାଧନ କରିବାରେ ସକ୍ଷମ ବେଳେ ବିହାର ଏବେ ବି ଭିତିଭୂମି ସହ ସଂଗ୍ରାମ କରୁଛି। ବିହାର ଏବେ ଆକାଂକ୍ଷିଂ ସ୍ତର-୨ରେ ସୀମିତ ରହିଛି। ଅନ୍ୟପକ୍ଷରେ ଥିବା ତଳ ର୍ୟାଙ୍କ ଆକାଂକ୍ଷିଂ ସ୍ତର-୩ରେ ମେଘାଳୟ ଏକମାତ୍ର ରାଜ୍ୟ ରହିଛି। ଏହା ନିସନ୍ଦେହ ଯେ, ଗ୍ରେଡିଂ ଏବଂ ଏହି ୬ଟି ପ୍ରସଙ୍ଗ ଦେଶରେ ଶିକ୍ଷାର ବିକାଶ ନେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନେହୁଏ। କାରଣ ଏହା ରାଜ୍ୟ କେନ୍ଦ୍ରଶାସିତ ଅଂଚଳଗୁଡ଼ିକର ଶିକ୍ଷା କ୍ଷେତ୍ରରେ ଥିବା ସାମର୍ଥ୍ୟ ଏବଂ ଦୁର୍ବଳତାକୁ ଲୋକ ଲୋଚନକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛି। ୟୁନିଫାଏଡ ଡିଷ୍ଟ୍ରିକ୍ଟ ଏନଫରମେସନ ସିଷ୍ଟମ ଫର ଏଜୁକେଶନ ପ୍ଲସ ରାଜ୍ୟଗୁଡ଼ିକର ଶିକ୍ଷାର ବିକାଶ ଲାଗି ତଥା ସେମାନଙ୍କର ଦୁର୍ବଳତା ଦୂର କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଆଧାରରେ ପ୍ରମାଣ ଯୋଗାଇଥାଏ। ଦେଶରେ ଗ୍ରେଡିଂ-୨.୦ରେ ଶିକ୍ଷାକ୍ଷେତ୍ରରେ ତାରତମ୍ୟ ହ୍ରାସ ପାଉଥିବା ସତ୍ତ୍ୱେ ପଦ୍ଧତିବଦ୍ଧ ପ୍ରକ୍ରୀୟାରେ ପରିବର୍ତନର ଆବଶ୍ୟକତା ରହିଛି। ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକର ଟାର୍ଗେଟ ହେବା ଉଚିତ୍।

# ବୋଲବମ୍ ଓ ନିଶା

### ପ୍ରଫେସର ଡାକ୍ତର ସମ୍ରାଟ କର

ଶ୍ରାବଣ ମାସ ସୋମବାର ସକାଳ । ମୁଁ ଗାଧୋଇ ପାଧେଇ ପୂଜା କରୁଥାଏ। ଏହି ସମୟରେ ଆମ ଘରର ରୋଷେୟା ଚନ୍ଦ୍ର ଆସି ଡାକିଲା 'ବାବୁ ଆସନ୍ତୁ ଟିକେ କ୍ଲିନିକ୍‌କୁ । ଆମ ଗାଁର କାଉଡିଆମାନେ ବୋଲ୍‌ବମ୍ ଧରି ଲିଙ୍ଗରାଜ ମନ୍ଦିରକୁ ଯାଉଥିଲେ । ମୋର ଦାଦାପୁଅ ଭାଇ ଶଙ୍କରା ହଠାତ୍ ଏମିତି ପାଟିତୁଣ୍ଡ କଲା ଯେ ସମସ୍ତେ ଅଧାରୁ ପଳାଇ ଆସିଲେ' । ମୁଁ ଡ୍ରେସ୍ ପିନ୍ଧି କ୍ଲିନିକ୍‌କୁ ଶୀଘ୍ର ଆସିଲି । ମୁଁ ଯାଇ ଦେଖିଲି ଶଙ୍କରାକୁ ତିନି ଚାରିଜଣ ମାଡି ବସିଛନ୍ତି । ସେ ବଡ଼ ପାଟିରେ ଗପି ଚାଲିଛି 'ମୁଁ ହେଉଛି ସ୍ୱୟଂ ମହାଦେବ। ମୋତେ ଧରିଲେ ସମସ୍ତଙ୍କୁ ମାରିଦେବି । ମୋ ପାଖରେ ବହୁତ ଟଙ୍କା ଅଛି । ସବୁ ସରପଞ୍ଚ, ମନ୍ତ୍ରୀ ମୋତେ ମୁଣ୍ଡିଆ ମାରିବେ । ତମେମାନେ ସବୁ ମୋତେ ମାରିଦେବାକୁ ଆଣିଛ । ଛାଡିଦିଅ ମୋତେ ଛାଡିଦିଅ ।' ମୁଁ ପଚାରିଲି 'ତୁମେମାନେ ମୋତେ ସତକଥା କୁହ? ସେ ଗଞ୍ଜେଇ ଖାଇଛି ?' ଜଣେ ଯୁବକ ଟିକିଏ ହସିଦେଇ କହିଲା 'ସାର୍, ଆପଣ ଜାଣିଲେ ତ, ଲୁଚାଇବୁ କାହିଁକି? ଆମେ ସମସ୍ତେ ଟିକେ ଟିକେ ଗଞ୍ଜେଇ ମାରିଛୁ । ଗଞ୍ଜେଇ ନ ଟାଣିଲେ କଅଣ ବୋଲ୍‌ବମ୍ ନେଇ ଯାଇହେବ?' ମୁଁ ପଚାରିଲି, 'ତୁମେମାନେ କଅଣ ଗଞ୍ଜେଇ ଟାଣିବାକୁ କାଉଡିଆ ପାଲଟିଛ? ନିଶା ସେବନ ପାଇଁ କଅଣ ଏହା ଏକ ବାହାନା? ନା ପ୍ରକୃତରେ ମହାଦେବଙ୍କ ପାଖରେ ଆସ୍ଥା ଅଛି ?' ସମସ୍ତେ ମୁଣ୍ଡ ତଳକୁ ପୋତି ଛିଡାହେଲେ । ପାଖରେ ଛିଡା ହୋଇଥିବା ଜଣେ ମଧ୍ୟବୟସ୍କ ବ୍ୟକ୍ତି ପଚାରିଲେ 'ଲୋକମାନେ ନିଶାସେବନ କାହିଁକି କରନ୍ତି?' ସମସ୍ତେ ଗଞ୍ଜେଇ ଟାଣିଲେ, କେବଳ ଏହି ଟୋକାଟିର କାହିଁକି ମୁଣ୍ଡ ଖରାପ ହେଲା? ଆଉ କେତେଜଣ ଏତେ ମଦ ପିଉଛନ୍ତି ଯେ ଦିନେ ନ ପିଇଲେ ରହିପାରୁନାହାନ୍ତି । ଏହାର କଅଣ ଚିକିତ୍ସା ଅଛି ?' ମୁଁ କହିଲି 'ଆଗ ଏହି ପିଲାଟିକୁ ଇଞ୍ଜେକସନ୍ ଦେଇ ଶାନ୍ତ କରେ । ତା'ପରେ ସବୁ ପ୍ରଶ୍ନର ଉତ୍ତର ଦେବି ।'

ନିଶା ସେବନର କାରଣ : ନିଶା ମନରୁ ଦୁଃଖ ସାମୟିକ ଭାବେ ଦୂର କରାଇ ଆନନ୍ଦ ଅନୁଭବ କରାଏ । ପ୍ରତିଥର ଏହି ଆନନ୍ଦ ଅନୁଭବ କରିବାକୁ ହେଲେ ଅଧିକରୁ ଅଧିକ ନିଶା ବ୍ୟବହାର କରିବାକୁ ପଡ଼ିଥାଏ । କାରଣ ଆମ ଶରୀରରେ ଥିବା ଜୀବକୋଷଗୁଡ଼ିକ ସମାନ ଫଳ ଦେଖାଇବା ପାଇଁ ପ୍ରତିଥର ଅଧିକ ନିଶା ମାତ୍ରା ଦରକାର କରିଥାନ୍ତି । ଏହାକୁ ଜୀବକୋଷଗୁଡ଼ିକର 'ନିଶା ଆସକ୍ତି ଭାବ' କୁହାଯାଏ । କେତେକ ନିଶା ଅଛି, ଯାହାକୁ ଥରଟିଏ ବ୍ୟବହାର କଲେ ମଧ୍ୟ ଜୀବକୋଷରେ ଆସକ୍ତିଭାବ ସୃଷ୍ଟି ହୋଇଥାଏ । ତେଣୁ ଏହି ନିଶା ଛାଡ଼ିଲାବେଳେ ଶରୀରରେ କେତେକ ଲକ୍ଷଣ ଦେଖାଯାଏ । ତେଣୁ ପୁଣି ଥରେ ନିଶା ଖାଇବା ପାଇଁ ଆସକ୍ତି ଭାବନା ସୃଷ୍ଟି ହୁଏ । ବାରମ୍ବାର ନିଶା ସେବନ ଦ୍ୱାରା ଆମର ଶାରୀରିକ ଓ ମାନସିକ ସ୍ତରରେ ନିଶାଦ୍ରବ୍ୟ ପ୍ରତି ନିର୍ଭରତା ଆସେ । ଯଦି କୌଣସି କାରଣରୁ ନିଶା ଦ୍ରବ୍ୟ ବ୍ୟବହାର କରୁଥିବା ଲୋକ କୌଣସି ଦିନ ନିଶା ନ ପାଏ, ତେବେ ତାହାର ଶାରୀରିକ ଓ ମାନସିକ ସ୍ତରରେ ପ୍ରଭାବ ଅନୁଭୂତ ହୁଏ । ମଦ ନିଶାଶକ୍ତ ବ୍ୟକ୍ତିମାନେ ଯେତେ କହିଲେ ମଧ୍ୟ ନିଶା ଛାଡି ପାରନ୍ତି ନାହିଁ; କାରଣ ମଦ ବନ୍ଦ କରିଦେଲେ ହାତ ଥରେ, ଛାତି ଧଡ଼ଧଡ଼ ହୁଏ, ମୁଣ୍ଡ ବିନ୍ଧେ, ଡର ଲାଗେ ଓ ନିଦ ହୁଏନାହିଁ । ଭାଙ୍ଗ, ଗଞ୍ଜେଇ ପ୍ରଭୃତି ନିଶାକୁ ଲୋକେ ସହଜରେ ଗ୍ରହଣ କରିନେଇଥାନ୍ତି ଓ ଏହା ସାମାଜିକ ପର୍ବପର୍ବାଣିରେ ବ୍ୟବହାର ହୋଇଥାଏ । ଆଜିକାଲି ମଦକୁ ମଧ୍ୟ ଗ୍ରହଣ କରାଗଲାଣି । ସେହି ନିଶାଗୁଡ଼ିକୁ 'ନରମ ନିଶା' ବୋଲି କୁହାଯାଏ । ଅଫିମ ଓ ଅଫିମରୁ ତିଆରି ମର୍ଫିନ୍, ପେଥିଡିନ୍, ହେରୋଇନ୍ ପ୍ରଭୃତି ନିଶା, ବେଶି ପରିମାଣରେ ମଦ ଇତ୍ୟାଦି ଜୀବକୋଷଗୁଡ଼ିକରେ ଶୀଘ୍ର ପରିବର୍ତ୍ତନ ସୃଷ୍ଟି କରିପାରୁଥିବାରୁ 'ଟାଣୁଆ ନିଶା' ବୋଲି କୁହାଯାଏ । ଆମର ପ୍ରକୃତି ଓ ବ୍ୟକ୍ତିତ୍ୱ ଉପରେ ନିଶାସେବନ ମଧ୍ୟ ନିର୍ଭର କରେ । ଯେଉଁମାନେ ସାମାନ୍ୟ ନିରାଶାରେ ଭାଙ୍ଗିପଡ଼ନ୍ତି, ସେମାନେ ନିଶା ସେବନ କଲେ ତାହା ଆଉ ଛାଡ଼ିପାରନ୍ତି ନାହିଁ । ଏହା ପରୀକ୍ଷା କରି ଦେଖାଯାଇଛି ଯେ ଯେଉଁମାନଙ୍କ ବାପ ମା' ନିଶା ସେବନ କରନ୍ତି, ସେମାନଙ୍କ ପିଲାମାନେ ମାନସିକ ନିଶାସେବନ ପ୍ରତି ଦୁର୍ବଳତା ପ୍ରକାଶ କରିଥାନ୍ତି । ତେଣୁ ସେମାନେ ସୁବିଧା ପାଇଲେ ଖୁବ୍ ଶୀଘ୍ର ନିଶାଗ୍ରସ୍ତ ହୋଇଯାନ୍ତି । ନିଶା ଖାଇବାକୁ ନ ପାଇଲେ ଚୋରି, ଡକାୟତି ପ୍ରଭୃତି କରିବା ପାଇଁ ଲୋକମାନେ ବାଧ୍ୟ ହୁଅନ୍ତି । ନିଶା ରଖିବା ଓ ତା'ର ଚୋରାରେ ବ୍ୟବହାର କରିବା ଏକ ଲାଭଜନକ ବ୍ୟବସାୟ । ମାଗଣାରେ ନିଶାଦେଇ ସହକର୍ମୀ ଓ ସହପାଠୀମାନଙ୍କୁ ନିଶା ସେବନ ରାସ୍ତାରେ ପକାଇ ଦିଅନ୍ତି । ନୂଆ ବ୍ୟକ୍ତି ମଧ୍ୟ ନିଶାଦ୍ରବ୍ୟ ସରବରାହର ଏକ ଏଜେଣ୍ଟ ଭଳି କାର୍ଯ୍ୟ କରେ ଓ ଏହା ସହଜ ଅର୍ଥ ଉପାର୍ଜନର ଏକ ପନ୍ଥା ହୋଇଯାଏ । କେତେକଙ୍କ ଧାରଣା ଯେ ନିଶାଦ୍ରବ୍ୟ ଯୌନକ୍ରୀଡ଼ାରେ ଅଧିକ ଆନନ୍ଦ ଦିଏ । ଅଳ୍ପ ପରିମାଣର କେତେକ ନିଶା ସାମୂହିକ ଭାବେ ମନର ବିହ୍ୱଳ ଭାବ ଦୂର କରୁଥିବାରୁ ଯୌନକ୍ରିୟା ସମୟରେ ଅଧିକ ଆନନ୍ଦ ଦେଲା ପରି ବୋଧହୁଏ । ତେଣୁ ଅନେକ ବ୍ୟକ୍ତି ପ୍ରତି ସମ୍ଭୋଗ ସମୟରେ ଏହାକୁ ବ୍ୟବହାର କରନ୍ତି । କିନ୍ତୁ କିଛିଦିନ ବ୍ୟବହାର କରିବାଦ୍ୱାରା ନିଶାର ପରିମାଣ ବଢ଼ିଯାଏ ଓ ନିଶା ହେବାର କୁପ୍ରଭାବ ଦ୍ୱାରା ନିଶାଗ୍ରସ୍ତ ମନୁଷ୍ୟ ନପୁଂସକ ହୋଇଯାଏ ।

ସମସ୍ୟା :

ମାନସିକ ସମସ୍ୟା : ନିଶାସେବନ ଦ୍ୱାରା ମସ୍ତିଷ୍କରେ ଥିବା ସ୍ନାୟୁବିକ ରସ ଡୋପାମିନ୍, ସେରୋଟନିନ୍, ନରଆଡ୍ରେନାଲିନ୍ ଆଦିର ସାମୟିକ ବିଶୃଙ୍ଖଳା ହୁଏ । ଏହା ମସ୍ତିଷ୍କରେ ଥିବା ପୁରସ୍କାର କେନ୍ଦ୍ର (ଜରଙ୍ଗବକ୍ସୟ ଉରଭଙ୍ଗକ୍ଷର)କୁ ଉତ୍ତେଜିତ କରେ ଓ ମନକୁ ଆନନ୍ଦ ଦିଏ । ମାତ୍ର ଯେଉଁମାନଙ୍କର ଏହି ବିଶୃଙ୍ଖଳା ଅଧିକ ତଥା ଚିରସ୍ଥାୟୀ ହୋଇଥାଏ, ମାନସିକ ସମସ୍ୟା ବାହାରେ । ତେଣୁ ଏହା ସମସ୍ତଙ୍କର ହୁଏନାହିଁ । ନିଶା ବ୍ୟବହାରଦ୍ୱାରା କେତେକ ସୁପ୍ତ ମାନସିକ ରୋଗ ଯଥା-ସିଜୋଫ୍ରେନିଆ, ମାନିଆ ଓ ମାନସିକ ବିଷାଦ ଆଦି ରୋଗ ଜାଗ୍ରତ ହୋଇପାରେ । ମନୁଷ୍ୟ ନିଜର ହିତାହିତ ଜ୍ଞାନ ହରାଇ ବସେ ଓ ସ୍ଥାନ, କାଳ ପାତ୍ରର ମର୍ଯ୍ୟାଦା ବୁଝିବାକୁ ଅକ୍ଷମ ହୋଇପଡ଼େ ।

ଶାରୀରିକ ସମସ୍ୟା : ଶାରୀରିକ ରୋଗମାନଙ୍କ ମଧ୍ୟରେ ଜଣ୍ଡିସ୍ ବା କାମଳ ରୋଗ ପ୍ରଧାନ । ଏହାଛଡ଼ା ପେପ୍‌ଟିକ ଅଲସର, ନ୍ୟୁରାଇଟିସ୍, ପାରାଲିସିସ୍ ରୋଗ ମଧ୍ୟ ଦେଖାଦିଏ । ନିଶାଗ୍ରସ୍ତ ଅବସ୍ଥାରେ ଦୁର୍ଘଟଣା ହୋଇ ହାଡ଼ ଭାଙ୍ଗିଯାଇପାରେ ବା ମସ୍ତିଷ୍କରେ ଧକ୍କା ବାଜି ରକ୍ତସ୍ରାବ ହୋଇ ସାରା ଜୀବନପାଇଁ ମନୁଷ୍ୟ ପଙ୍ଗୁ ହୋଇଯାଇପାରେ ।

ସାମାଜିକ ସମସ୍ୟା : ଆମ ଦେଶରେ କେତେକ ଲୋକ ନିଶା ବ୍ୟବହାର କରୁଛନ୍ତି ତାହା ସଠିକ୍ ଭାବେ ଜଣା ପଡୁ ନାହିଁ । କେବଳ ଯେଉଁମାନେ ନିଶାଦ୍ରବ୍ୟ ବ୍ୟବହାର କରିବା ଦ୍ୱାରା ଶାରୀରିକ ତଥା ମାନସିକ ରୋଗରେ ଆକ୍ରାନ୍ତ ହେଉଛନ୍ତି ଓ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାରେ ଧାଡ଼ି ବାନ୍ଧି ଠିଆ ହେଉଛନ୍ତି, କେବଳ ସେହିମାନଙ୍କ ବିଷୟରେ ବୈଜ୍ଞାନିକ ବିଶ୍ଳେଷଣ କରାଯାଇପାରୁଛି । ଏହି ବିଶ୍ଳେଷଣରୁ ଜଣାପଡୁଛି ଯେ ଯୁବଗୋଷ୍ଠୀ ଓ କଲେଜ ଛାତ୍ରମାନେ ନିଶା ସେବନରେ ବୃଦ୍ଧ ଓ ମଧ୍ୟବୟସ୍କମାନଙ୍କ ଅପେକ୍ଷା ଆଗୁଆ ଅଛନ୍ତି । ଏହାର କାରଣ ଯୁବକ ଓ ଛାତ୍ରମାନେ ଦଳ ଦଳ ହୋଇ ଏକାଠି ନିଶା ବ୍ୟବହାର କରୁଛନ୍ତି । ସରକାରୀ ଓ ବେସରକାରୀ ସ୍ତରରେ ନିଶା ଦ୍ରବ୍ୟର ବିକ୍ରି ଦିନକୁ ଦିନ ଦ୍ରୁତଗତିରେ ବଢ଼ି ଚାଲିଛି । ଅଧିକରୁ ଅଧିକ ବିକ୍ରି ହେଉଥିବା ନିଶାଦ୍ରବ୍ୟଗୁଡ଼ିକ ଯୁବ ସମାଜ ଓ ଛାତ୍ରସମାଜ ପ୍ରତି ଏକ ଭୟଙ୍କର ଧମକ କହିଲେ ଅତ୍ୟୁକ୍ତି ହେବ ନାହିଁ । ନିଶାଗ୍ରସ୍ତ ବ୍ୟକ୍ତି ଏକ ସାମାଜିକ ସମସ୍ୟା । ବ୍ୟକ୍ତିଗତ ଓ ପାରିବାରିକ ଜୀବନରେ ସେମାନେ ନିଜକୁ କୌଣସି ରକମ ଖାପ ଖୁଆଇପାରନ୍ତି ନାହିଁ । ସେମାନଙ୍କୁ ନିଶା ସେବନ ରୋଗରୁ ମୁକ୍ତ କରିବାକୁ ହେଲେ ଚିକିତ୍ସା ସହ ଉପଯୁକ୍ତ ଥଇଥାନ ବନ୍ଦୋବସ୍ତ ମଧ୍ୟ କରିବା ଆବଶ୍ୟକ ।

ଆଇନଗତ ସମସ୍ୟା : ବର୍ତ୍ତମାନ ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କର ନୈତିକ ମାନ ଓ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା । ଅପରାଧୀମାନଙ୍କୁ ପରୀକ୍ଷା କରି ଦେଖାଯାଇଛି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଶାଗ୍ରସ୍ତ ବା ନିଶା ଖାଇ ପାପକର୍ମ ଘଟାଇଛନ୍ତି । ତେଣୁ ୧୯୮୫ ମସିହାରେ ଭାରତ ସରକାର ନିଶା ବା ମାଦକ ଦ୍ରବ୍ୟର ବ୍ୟବହାର ବାରଣ ପାଇଁ ଏକ ଆଇନ ପ୍ରଣୟନ କରିଛନ୍ତି । ଏଥିରେ କେତେକ ନିର୍ଦ୍ଦିଷ୍ଟ ନିଶା ବ୍ୟବହାର ପାଇଁ ବାରଣ ଅଛି ଓ ସେଗୁଡ଼ିକ ରଖିବା ଓ ଅନ୍ୟମାନଙ୍କୁ ଖାଇବା ପାଇଁ ପ୍ରରୋଚନା କରିବା ଇତ୍ୟାଦି ଏକ ବଡ଼ ଅପରାଧ ହିସାବରେ ଯଥେଷ୍ଟ ଦଣ୍ଡ ଓ ଜେଲଭୋଗର ନିୟମାବଳୀ ପ୍ରଭୃତି ହୋଇଛି ।

ଚିକିତ୍ସା : ଔଷଧ ଦ୍ୱାରା ମଦ, ଗଞ୍ଜେଇ, ଭାଙ୍ଗ ଆଦି ନିଶାସେବନ କରିବାର ଇଚ୍ଛା ଓ ନିଶା ସେବନ ଦ୍ୱାରା ହେଉଥିବା ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା କରିହେବ । ନିଶାସେବନ ବନ୍ଦ ପାଇଁ ଅନେକ ପ୍ରକାର ଔଷଧ ବାହାରିଲାଣି । କେତେକ ଔଷଧ ଅଛି ଯାହାକୁ ଖାଇଲେ ନିଶାସେବନ କରୁଥିବା ବ୍ୟକ୍ତିର ଯେଉଁ ଲକ୍ଷଣ ଦେଖାଯାଏ, ସେଗୁଡ଼ିକ କମିଯାଏ । ଏପରି ଔଷଧ ମଧ୍ୟ ଅଛି ଯାହାଦ୍ୱାରା ନିଶାସେବନ କରିବାକୁ ଇଚ୍ଛା ହେବନାହିଁ । ଆଉ ଗୋଟିଏ ପ୍ରକାର ବଟିକା ଅଛି ତା'ର ପ୍ରଭାବରେ, ମଦ ଖାଇଲେ ବାନ୍ତିହେବ ଓ ମୁଣ୍ଡ ବିନ୍ଧିବ । ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ଏକ ଜରୁରୀ ଆବଶ୍ୟକ । ଏହି ଚିକିତ୍ସା କେବଳ ଯେ ଡାକ୍ତରମାନଙ୍କ ଦ୍ୱାରା ସମ୍ଭବ ହେବ, ଏହା ଭାବିବା ଉଚିତ ନୁହେଁ । କାରଣ ଏହା ଗୋଟିଏ ସାମାଜିକ ବ୍ୟାଧି, ଦେଶୀୟ ଓ ଅନ୍ତର୍ଦେଶୀୟ ସମସ୍ୟା । ତେଣୁ ଏହାର ଚିକିତ୍ସା ପାଇଁ ସମାଜର ପ୍ରତ୍ୟେକ ସ୍ତରରୁ ସ୍ୱେଚ୍ଛାସେବୀ ଆବଶ୍ୟକ । ଆଇନଜ୍ଞ, ପୋଲିସ, ଶିକ୍ଷାବିତ୍, ମନସ୍ତତ୍ତ୍ୱବିତ୍ ତଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞଙ୍କ ବ୍ୟତୀତ ଏ ବିଷୟରେ ସମ୍ବାଦ ସରବରାହ ସଂସ୍ଥାର ସାହାଯ୍ୟ ନିହାତି ଆବଶ୍ୟକ ।

ଦି'ବ୍ରେନ୍ ଫାଉଣ୍ଡେସନ, ପୁରୀଘାଟରୋଡ଼, କଟକ-୭୫୩୦୦୯, ମୋବାଇଲ-୯୧୩୨୪୩୩୩୩୩

# ପ୍ରାଚୀନ ବିବାହ ପଦ୍ଧତିରେ ବର୍ତ୍ତମାନର ଚଳଣୀ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବହୁବର୍ଷ ଧରି ଆମେ ଦେଖି ଆସୁଥିଲେ ଜାଣି ପାରିବା, ବର୍ତ୍ତମାନ ଯେଉଁ ପ୍ରକାରରେ ପୁଅଝିଅ ବା ବରକନ୍ୟାଙ୍କର ବିବାହ ସଂସ୍କାର ହେଉଛି ତାହା ଯେପରି ଏକ ପରମ୍ପରା ବଦଳି ବଦଳି ସ୍ତରରେ ଚାଲୁ ରହୁଛି। ଆମ ରାଜ୍ୟରେ କୋଣ ଅନୁକୋଣରେ ବିଭିନ୍ନ ବର୍ଗର ବିଭିନ୍ନ ଜାତିର ଲୋକ ବିଭିନ୍ନ ସମ୍ପ୍ରଦାୟର, ବିଭିନ୍ନ ଧର୍ମର ଲୋକ ବାସ କରିବା ଦେଖାଯାଉଛି। ଏସବୁରେ ପୂର୍ବ ପରମ୍ପରା କେବେ ଏ ସମୟରେ ମୌଳିକ ସ୍ତରରେ ଆଉନାହିଁ। ସବୁ ଯୌଗିକ ମିଶ୍ରଣ ହୋଇଗଲାଣି। ଦେଖାଶିଖା ଓଡ଼ିଶା ଲୋକ ବାକ୍ୟଟି ପ୍ରକୃତରେ ଉପଲବ୍ଧି ହେଉଛି। ଜ୍ୟୋତିଷଙ୍କ ପାଖରେ ଅନେକ ଜାତକ ଦେଖାଇ ପୁଅଝିଅ ବିବାହ ମେଳକ କରାଉଛନ୍ତି । ମେଳକ ପ୍ରକୃତରେ ଏକ ଗାଣିତିକ ପକ୍ରିୟା ଏହା ଶରୀର ସହିତ କୌଣସି ସମ୍ବନ୍ଧରେ ନାହିଁ। ଜନ୍ମକାଳର ଚନ୍ଦ୍ରସ୍ଥିତ ରାଶି ଓ ନକ୍ଷତ୍ରରୁ ମେଳକ ଗ୍ରହଣ କରାଯାଏ। ଏପରି ହେଲେ ଉଭୟଙ୍କର ୧୨ ରାଶିରୁ ନିଶ୍ଚେ ଏକ ରାଶିରେ ଏକ ବରାଶି ହୋଇଥିବ ଏପରି ସମ୍ବନ୍ଧ ୧୨ ଢ ୧୨ = ୧୪୪ ପ୍ରକାର ମେଳକରୁ ୨ଜଣଙ୍କର ଏକ ମେଳକ ହେବ। ପୁଣି ୨୭ଟି ନକ୍ଷତ୍ର ମଧ୍ୟରୁ ୨ ଜଣଙ୍କର ଏକ / ଏକ ନକ୍ଷତ୍ର ହୋଇଥିବ ଏପରି ହେଲେ ୨୭ ଢ ୨୭ = ୭୨୯ ପ୍ରକାର ମେଳକ ହୋଇପାରେ, ଯହିଁରେ ୨ଜଣଙ୍କର ୧ ମେଳକ ରହିପାରେ। ୧ ରାଶିରେ ୯ ପାଦ ବା ୯ ନବାଂଶ ରହିଛି। ସେମିତି ୧ ନକ୍ଷତ୍ରରେ ୪ ପାଦ ବା ୪ ନବାଂଶ ରହିଛି। ତାହାହେଲେ ୧୨ ଢ ୯ = ୧୦୮ ବା ୨୭ ଢ ୪ = ୧୦୮ ପାଦ ବା ୧୦୮ ନବାଂଶ ଏହାର ମେଳକ ବା ଯୋଟକ ବାନ୍ଧିଲେ ୧୦୮ ଢ ୧୦୮=୧୧୬୬୪ ପ୍ରକାର ମେଳକରୁ ନିଶ୍ଚେ ଏକ ଯୋଟକରେ ୨ଜଣଙ୍କର ରହିବ।

ରାଶିମାନେ ୪ ମହାଭୂତ ଅଗ୍ନୀ ପୃଥି ବାୟୁ ଓ ଜଳ କ୍ରମରେ ଅଛନ୍ତି। ସ୍ଥୂଳ ମହାଭୂତ ମେଳକରେ ୪ ଢ ୪ = ୧୬ ପ୍ରକାର ମେଳକ ହୋଇଥାଏ। ଏ ମଧ୍ୟରେ ବର ଓ କନ୍ୟାଙ୍କର ୧ ମେଳକ ହୁଏ। ଅଗ୍ନି ରାଶି ଗୁଡ଼ିକୁ କ୍ଷତ୍ରୀୟ ରାଶି ପୃଥିରାଶି ଗୁଡ଼ିକୁ ବୈଶ୍ୟରାଶି ବାୟୁରାଶି ଗୁଡ଼ିକୁ ଶୁଦ୍ର ରାଶି ଓ ଜଳରାଶି ଗୁଡ଼ିକୁ ବ୍ରାହ୍ମଣ ରାଶି କୁହାଯାଏ। ୪ ପ୍ରକାର ନକ୍ଷତ୍ର ସାଧାରଣତଃ ଅଛି। ପୂର୍ଣ୍ଣ ୪ ପାଦ ୧ ରାଶିରେ ରହିଥାନ୍ତି, ପ୍ରଥମେ ୩ ପାଦ ୧ମ ରାଶିରେ ଓ ୧ପାଦ ୨ୟ ରାଶିରେ, ପ୍ରଥମେ ୧ ପାଦ ୧ମରାଶିରେ ୨ୟ ରାଶିରେ ୩ ପାଦ ରହିଥାଏ, ପାଖାପାଖି ୨ ରାଶିରେ ୧ ନକ୍ଷତ୍ର ୨/୨ ପାଦ କରି ରହିଥାଏ। ଏହି ନେଇ ରେଡ଼ିମେଡ଼ ମେଳକ ତାଲିକାରେ ଏ ପାଇଁ ୩୬ ପାଦ ୧୨୦ ଅଂଶର ୧/୧ ବୃତ୍ତ ଖଣ୍ଡ ଯାହା ପ୍ରତ୍ୟେକ ୪ରାଶି ମଧ୍ୟରେ ରହିଥାଏ। ୦ ଅଂଶରୁ ୧୨୦ ଅଂଶ ୧୨୦ ଅଂଶରୁ ୨୪୦ ଅଂଶ ୨୪୦ ଅଂଶରୁ ୩୬୦ ଅଂଶ ମଧ୍ୟରେ ୩୬ ଢ ୩ =୧୦୮ ଭାଗରେ ଥିବା ରାଶି ନବାଂଶ ବା ନକ୍ଷତ୍ର ଦେବାଂଶ ମାନ ଆସିଥାଏ।

ଆକାଶ ତତ୍ତ୍ୱର ରାଶି ରାଶିଚକ୍ରରେ ସ୍ଥାନ ପାଇନାହିଁ। ଆକାଶ ତତ୍ତ୍ୱର କିନ୍ତୁ ଗ୍ରହ ଅଧିକାର ଅଛି। ଏପରିକି ହେଉଛି ବୃହସ୍ପତି। ବୃହସ୍ପତି ଦିଗବଳୀ ଧରାଯାଏ ଲଗ୍ନରେ ହେଲେ କେଉଁ ରାଶିରେ ଦିଗବଳୀ ଶୁଭପ୍ରଦ ତାହା ବି ମନେ ରଖି ମେଳକରେ ପ୍ରୟୋଗ କରାଯାଏ। ପ୍ରତି ଜାତକରେ କ୍ଷେତ୍ର ଜାତକ ହିଁ ମେଳକ ପାଇଁ ଧରାଯାଉଛି। ପ୍ରକୃତରେ ଆଉ ୧୫ ପ୍ରକାର ଅଂଶର ଜାତକରେ ମେଳକର ସଂଯୋଗ ରଖାଯିବା ନିହାତି ଜରୁରୀ, ଏ ମଧ୍ୟରେ ଜାୟା ବା ସ୍ୱାମୀ ପାଇଁ ନବାଂଶ କୁଣ୍ଡଳୀ ଓ ଚରିତ୍ରରିଷ୍ଟ ପ୍ରକୃତିଗତ ଗୁଣ ଜାଣିବା ପାଇଁ ତ୍ରିଶାଂଶ କୁଣ୍ଡଳୀର ମେଳକ ନିହାତି ଆବଶ୍ୟକ। ଏସବୁ ସମ୍ଭାବିତ ଜନ୍ମ ସମୟ ସ୍ଥୂଳ ବା ପାଖାପାଖି ଜନ୍ମ ସମୟ ଥିଲେ ଗ୍ରହଣ କରାଯାଏ। ୧୨ ଲଗ୍ନ ଏକ ଦିନରେ ଭୋଗ ହେଲେ ୧ ଲଗ୍ନ ପ୍ରାୟ ୨ ଘଣ୍ଟା ଏହାର ୯ ଭାଗାଂଶ ହେବ ପ୍ରାୟ ୧୩/୧୪ ମିନିଟ ଦି ୫ ଭାଗ ତ୍ରିଶାଂଶରେ ୬୫ ଭାଗ ପ୍ରାୟ ଧରାଯାଏ। ପ୍ରାୟ ୬୪ ମିନିଟ ମଧ୍ୟରେ ଜନ୍ମ ସମୟ ଏ ପାଖ ସେପାଖ ରହିଥିଲେ ବ୍ୟକ୍ତିର ସମ୍ଭାବିତ ତଥ୍ୟ ବିଚାରରେ ଧରାଗତିପାରେ। ପ୍ରକୃତରେ ୩୦ ଅଂଶର ରାଶି ପାଇଁ ପ୍ରାୟ ୪ ମିନିଟ ଭ୍ରମ ରହିପାରେ ବ୍ୟକ୍ତିର ଚରିତ୍ର ସହନ ଶକ୍ତି ଆଚରଣ ଆଦି ତ୍ରିଶାଂଶରୁ ଧାର୍ଯ୍ୟ କରାଯାଏ। ପୂର୍ବପରି ନାରୀ ପରାଧିନତା ଏ ଯୁଗରେ ନାହିଁ। ପୁଣି ବାଲ୍ୟ ବିବାହ ନାହିଁ କି ଅନପଢ଼ ମୂର୍ଖ ଝିଅ ବିବାହ ସମୟରେ ନାହାଁନ୍ତି। ସଂସାର ବ୍ୟବହାର ଦ୍ରବ୍ୟର ଚାହିଦା ବହୁତ ବଢ଼ିଛି। ପାନପତ୍ରକୁ ଚୁନ ନ ହେଲେ ଅଭାବ ଆସିଲେ ମତ ଫରକ ହେବ। କେହି କାହାକୁ ସମୟ ଓ ସେବା ନ ଦେଲେ ମତଫରକରୁ ସମୟ ବିସ୍ଫୋରଣ କରିପାରେ। ଏକୁ କିଛି ସହ୍ୟ ହୋଇପାରିବ କିଛି ବ୍ୟବହାର ସଂସ୍କାର କରିହେବ ଏ ଚିନ୍ତା ପାଇଁ ଏଇ ନବାଂଶ ତ୍ରିଶାଂଶର ଅନୁଧାନ ଦରକାର ପଡ଼େ।

୧୪ ଯୋଡ଼ା ଜୀବଙ୍କର ଅଧିନରେ ଏହି ୨୭ ନକ୍ଷତ୍ର ୨୧ ନକ୍ଷତ୍ର ଓ ୨୨ ନକ୍ଷତ୍ର ମଧ୍ୟରେ ୨ ନକ୍ଷତ୍ର କିଛି କିଛି ଅଂଶ ନେଇ ୧ ନକ୍ଷତ୍ର ତହିଁରେ ଖୁନ୍ଦି ରଖାଯାଇଛି ଯାହାର ନାମ ଅଭିଜିତ ନକ୍ଷତ୍ର ଏମିତି ୨୮ ନକ୍ଷତ୍ର। ଏହି ୨୧ ନକ୍ଷତ୍ରର ମୁଖ୍ୟ ଅଂଶରୁ ନକ୍ଷତ୍ରର ଅଙ୍ଗ ୨୧ ନକ୍ଷତ୍ର ନକୁଳନେଉଳା ଯୋନିର ନକ୍ଷତ୍ର ତାର ଅଂଗଜ ଅଭିଜିତ ବି ନକୁଳ ଯୋନି। ପ୍ରକୃତରେ ଏହା ଅର୍ଦ୍ଧନାରୀଶ୍ୱର କ୍ଷେତ୍ର। ୧୪ ଯୋଡ଼ା ମଧ୍ୟରେ ସ୍ତ୍ରୀ ପୁରୁଷ ଜୀବର ଯୋଡ଼ି ଅଛନ୍ତି। ଏକ ଯୋନି ନକ୍ଷତ୍ର ୨ଟିକୁ ଭଲ ଯୋଡ଼ି ଧରାଯାଏ। ମାତ୍ର ନାରୀର ପୁରୁଷ ଯୋନିର ଜୀବ ପୁରୁଷର ନାରୀ ଯୋନି ଜୀବ ହେଲେ ଅନେକ ଅସୁବିଧା ଉପୁଜି ଥାଏ। ଅନେକ ସ୍ତ୍ରୀଲୋକ ରୋଜଗାରରେ ଧନରେ ପୁରୁଷମାନେ ବଞ୍ଚୁଛନ୍ତି ଓ ଅନେକ ପୁରୁଷ ବିବାହ ପରେ ଭାଗ୍ୟ ରବି ତାଙ୍କର ଖୋଲୁଛି ଦେଖନ୍ତୁ କୌଣସି ନେତାଙ୍କୁ ତାଙ୍କର ଶ୍ୱଶୁର ଶାଶୁ ଏକ ଦାୟିତ୍ୱରେ କନ୍ୟାକୁ ବିବାହ ଦେଇଥାନ୍ତି ପରେ ସେ ମନ୍ତ୍ରୀ ବା ଏମଏଲଏ ବା ଏମପି ହେଲାପରେ ତାଙ୍କର ଝିଅ ରାଜରାଣୀ ପରି ରାଜ ଭବନରେ ବାସିନ୍ଦା ହେଉଛନ୍ତି। ଏଠାରେ ବିବାହ ପରେ ପୁରୁଷଟିର ଭାଗ୍ୟ ଖୋଲିବା ଜଣାପଡୁଛି। ଦିନେ ବହୁ ସନ୍ତାନ ଲୋକେ ଚାହୁଁଥିଲେ, ହେଲେ ବର୍ତ୍ତମାନ ସରକାରୀ ସ୍ଲୋଗାନ ଓ ଆର୍ଥିକ ସ୍ଥିତିକୁ ପ୍ରାଧାନ୍ୟ ଦେଇ ଅଳ୍ପ ସନ୍ତାନ ଇଟା ବଳବତ୍ତର। ଶରୀରରେ ଅଙ୍ଗର ସ୍ଥିତି ସ୍ଥାପକତା ଇଛାନୁଶା ମାଂସପେଶୀର କାର୍ଯ୍ୟ କାରିତା ନାରୀର ଅଳ୍ପ ବୟସରେ ଯାହା ଅଧିକ ବର୍ଷରେ ତାହା ନୁହେଁ। ଏବେ ୨୫ ବର୍ଷ ବୟସ ପରେ ବିବାହ କରାଯିବ ନାରୀମାନେ ଅଙ୍ଗ ଶୈଥିଳ ଖୁବ ଅଳ୍ପ ବର୍ଷରେ ଭୋଗିବା ସମୟ ଆସୁଥିବାରୁ ଓ ଅନ୍ୟାନ ଦାୟିତ୍ୱବୋଧ ପାରିବାରିକ କାର୍ଯ୍ୟ ଚାପ ଅଧିକ ସନ୍ତାନ ଧାରଣକୁ କାୟିକ ମାନସିକ ଇଚ୍ଛାରେ ନାହାନ୍ତି।

ଦୁଇ ଜାତକରେ ସନ୍ତାନବେଳେ କାଢ଼ିବାକୁ ଯେଉଁ ତଥ୍ୟ ରଖାଯାଇଛି ପୁରୁଷର ବୀଜସ୍ଫୁଟ ଓ ନାରୀ ବେକ୍ଷତ୍ରସ୍ଫୁଟ ଏକ ଜଟିଳ ଗାଣିତିକ ହିସାବ କରାଯାଇ ସ୍ଥିର କରାଯାଏ। ଏହାବାଦ ଗୁରୁଶୁଦ୍ଧି ରବିଶୁଦ୍ଧି ବର୍ଷ ଶୁଦ୍ଧି କାଳଶୁଦ୍ଧି ତରାଚନ୍ଦ୍ର ଶୁଦ୍ଧିରେ ବିବାହ ଦିନ ଧାର୍ଯ୍ୟ କରାଯାଏ। ଜ୍ୟୋତିଷଙ୍କର ମୂହୁର୍ତ୍ତ ବିଚାର ଅତି ସଂଘାତିକ ବିଚାର ଏହାକୁ ଗୌଣକରି ଅମୃତ ମାହେନ୍ଦ୍ରରେ ବିବାହ ସମ୍ବନ୍ଧ କରାଯାଏ ନାହିଁ । ଅନେକ ଏ ବିଷୟରେ ଅଜ୍ଞାନ୍ତ ବା ସମୟ ଅଭାବରୁ କରିନଥାନ୍ତି। ଏବେ ବାଜାବାଲା, କଲ୍ୟାଣ ମଣ୍ଡପ ଭୋଜିର ରୋଷେୟା ନିଜୟର ପ୍ରିୟଜନଙ୍କର ଛୁଟିଦିନ ପୁରୋହିତଙ୍କର ସମୟ ବରାଯାତ୍ରୀଙ୍କ ପାଇଁ ନାନ ରିଜର୍ଭ ଏସବୁ ପାଇଁ ଠିକ ସମୟରେ କାହାରି ଆଉ ଲଗ୍ନ ଧାଯନରେ ବିବାହ କରାଯାଉନାହିଁ। ଲଗ୍ନପତ୍ର ପର୍ବ ବରକନ୍ୟାଙ୍କ ପାଇଁ ଲେଖା ଗଲେବି ଧାର୍ଯ୍ୟକାରୀ ଲଗ୍ନର ବିଶେଷ ବ୍ୟବସ୍ଥା ପ୍ରକୃତରେ ଠିକ କରିବା ହେଉନାହିଁ କି ଏହି କଠିନ ସୂତ୍ର ଧାର୍ଯ୍ୟରେ କେହି ପାଣିଗ୍ରହଣ ବଧୂ ମେଲାଣି ବରଘର କନ୍ୟାର ଅପୂର୍ବ ପ୍ରବେଶ କରାଉନାହାଁନ୍ତି ସମ୍ମୁଖ ଯୋଗ୍ନୀରେ ବର ବା କନ୍ୟାକୁ ଯାତ୍ରା ପକାଯିବା କଥା ନୁହଁ ଏପରିବି ହୋଇ ଯାଉଛି। ବାପା ମାଆଙ୍କ ଜ୍ଞାନତଃ ନାରୀ ମାନଙ୍କର ଯେମିତି ପ୍ରଥମ ରଜୋସ୍ରାବର ଦିନର ଶୁଭାଶୁଭ ବିଚାରରେ ଅଶୁଭର ପ୍ରତିକାର ବିଧାନ ଅଛି ସେମିତି ଶାଶୁଘରେ କନ୍ୟାର ୧ମ ରଜୋସ୍ରାବର ବିଧାନ କରାଯିବା କଥା। ଏହା ଏବେ କରାଯାଉନାହିଁ। ମହାଭାରତରେ ଶାରଳା ଦାସ ଏ ପାଇଁ ଦ୍ରୌପଦୀଙ୍କର ଏପରି ବିଧାନ କରାଇଥିବା ଲେଖିଛନ୍ତି।

ଏବେ ସମସ୍ତଙ୍କର ପାନିକିଚଢ଼ା ବିବାହ ପ୍ରକୃତରେ ପାନିକି ଚଢ଼ା ତ ନୁହେଁ ମଟରଯାନ ଚଢ଼ା ବିବାହ ହେଉଛି। ନରବହନ ଯୋଗ ଆଉ ନାହିଁ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ଛାତ୍ର କଂଗ୍ରେସ ପକ୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ବ୍ରହ୍ମପୁର: ଛାତ୍ର କଂଗ୍ରେସ ପକ୍ଷରୁ ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ବିଜେପି ସରକାରଙ୍କୁ ଦାୟୀ କରିଛି ଗଞ୍ଜାମ ଜିଲ୍ଲା ଯୁବ କଂଗ୍ରେସ । ଆଜି ସାନଖେମୁଣ୍ଡି ବିଧାୟକ ତଥା ଓଡିଶା ପ୍ରଦେଶ କଂଗ୍ରେସ ର ଉପସଭାପତି ରମେଶ ଜେନାଙ୍କ ନେତୃତ୍ୱରେ ବ୍ରହ୍ମପୁର ଛାତ୍ର କଂଗ୍ରେସ ପକ୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ତେବେ ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ସହ ହୋଇଥିବା ଘଟଣାକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଜଣାଇଥିଲେ । କିନ୍ତୁ ସରକାର କେ ?ଣସି ପଦକ୍ଷେପ ନ ନେବାରୁ ସେ ବାଧ୍ୟ ହୋଇ ଆତ୍ମହତ୍ୟା ଉଦ୍ୟମ କରିବା ପରେ ତାଙ୍କର ମୃତ୍ୟୁ ହୋଇଛି । ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପଛରେ ବିଜେପି ସରକାର ହିଁ ଦାୟୀ ବୋଲି ଅଭିଯୋଗ କରିଛି ଛାତ୍ର କଂଗ୍ରେସ । ତୁରନ୍ତ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛି ଛାତ୍ର କଂଗ୍ରେସ। ଯଦି ଖୁବଶୀଘ୍ର ଏନେଇ ସରକାର ଆଖିଦୃଷ୍ଟିଆ ପଦକ୍ଷେପ ନ ନେବା ସହିତ ଇସ୍ତଫା ନ ଦିଅନ୍ତି ତେବେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି କହିଛି ଛାତ୍ର କଂଗ୍ରେସ। ଏହି ପ୍ରତିବାଦରେ ଛାତ୍ର କଂଗ୍ରେସର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ରାଉରକେଲା ବଙ୍ଗାଳୀ ପଡ଼ାରେ ଡ୍ରେନ ଅବସ୍ଥା ଜରାଜୀର୍ଣ୍ଣ, ଦୁର୍ଘଟଣାର ସମ୍ଭାବନା

ରାଉରକେଲା: ରାଉରକେଲା ସହରକୁ ସ୍ମାର୍ଟ ସିଟିର ମାନ୍ୟତା ମିଳିଥାଇପାରେ, କିନ୍ତୁ ସହର ଏପର୍ଯ୍ୟନ୍ତ ସ୍ମାର୍ଟ ହୋଇପାରି ନାହିଁ। ଏହାର ଏକ ଉଦାହରଣ ହେଉଛି ବିର୍ସା ଡାହର ସ୍ଥିତ ବଙ୍ଗାଳୀ ପଡ଼ାର ରୋଡରେ ଥିବା ସରସ୍ୱତୀ ବିଦ୍ୟା ମନ୍ଦିର ସ୍କୁଲ ପଛ ଡ୍ରେନର ଅବସ୍ଥା ଏତେ ଜରାଜୀର୍ଣ୍ଣ ଯେ, ଏଠାରେ ଯେକୌଣସି ସମୟରେ ଏକ ବଡ଼ ଦୁର୍ଘଟଣା ଘଟିପାରେ। ଶହ ଶହ ସ୍କୁଲ ପିଲା, ବରିଷ୍ଠ ନାଗରିକଙ୍କ ସମେତ ସ୍ଥାନୀୟ ଲୋକମାନେ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ରାଉରକେଲା ସହରରେ ଚଳିତ ବର୍ଷ ପ୍ରବଳ ବର୍ଷା ଯୋଗୁଁ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନର ତଳ ଅଂଶ ବର୍ଷା ପାଣି ଯୋଗୁଁ ଭାଙ୍ଗି ଯାଇଛି। ଯାହା ଫଳରେ ଡ୍ରେନ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି ଏବଂ ଉପର ଅଂଶ ଡ୍ରେନରେ ପଡ଼ିଛି। ଫଳରେ ବର୍ଷା ପାଣି ନିଷ୍କାସନ ହେବାରେ ବହୁତ ସମସ୍ୟା ଦେଖାଦେଇଛି। ପ୍ରବଳ ବର୍ଷା ଯୋଗୁଁ ବର୍ଷା ପାଣି ରାସ୍ତାରେ ମଧ୍ୟ ରାସ୍ତାରେ ଆସିଯାଉଛି। ସ୍ଥାନୀୟ ଲୋକମାନେ ଏ ବିଷୟରେ ରାଉରକେଲା ମହାନଗର ନିଗମର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଡ୍ରେନ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଅଞ୍ଚଳର ଅନେକ ସ୍ଥାନରେ ଡ୍ରେନ କଲଭର୍ଟରର ଅନେକ ଅଂଶ ମଧ୍ୟ ଭାଙ୍ଗି ଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଦାବି ଯେ ମହାନଗର ନିଗମର ଉଚ୍ଚ ଅଧିକାରୀମାନେ ଯଥାଶୀଘ୍ର ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ ଏବଂ ଡ୍ରେନ୍ ମରାମତି କରି ରାସ୍ତାକୁ ପୂର୍ବ ପରି ସୁରକ୍ଷିତ କରାଯାଉ।



# କାଞ୍ଜିଆହୁଡ଼ା ଓ ଗୋଶାଳା ଅଭାବରୁ ରାସ୍ତାରେ ମାଳ ମାଳ ଗାଈ ଓ କୁକୁର

ବ୍ରହ୍ମପୁର:(ସୁରେନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲା ପ୍ରତିନିଧି )ଗୃହପାଳିତ ଗାଈଗୋରୁଙ୍କ ନିରାପଦ ଆଶ୍ରୟ ସ୍ଥଳୀ ପାଲଟିଛି ରାଜରାସ୍ତା ଓ ଗଳିକନ୍ଦି। ବ୍ରହ୍ମପୁର ସହରର ବିଭିନ୍ନ ସମସ୍ୟା ମଧ୍ୟରେ ରାସ୍ତାରେ ଗୃହପାଳିତ ଗାଈଗୋରୁଙ୍କ ସମସ୍ୟା ସବୁ ଠାରୁ ଅଧିକ। ସହରରେ ଯୁଆଡ଼ ? ଚାହିଁବ ଖାଲି ଗୃହପାଳିତ ପଶୁ ଓ ବୁଲା କୁକୁର। ଗାଈ ମାଲିକମାନେ ନିଜ ଗାଈ ଠାରୁ କ୍ଷୀର ଆଦାୟ କଲା ପରେ ଗାଈ ଓ ବାଛୁରୀ ଦୁହିଁଙ୍କୁ ରାସ୍ତା ଉପରକୁ ଛାଡି ଦିଅନ୍ତି। ଫଳରେ କେତେ ବେଳେ ଗାଈ ତ ଆଉ କେତେବେଳେ ଗାଡ଼ି ଚାଳକ ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି। ବ୍ରହ୍ମପୁର ସହରର ବହୁ ବ୍ୟକ୍ତି ଗୋପାଳନ କରୁଛନ୍ତି। କିଛି ବ୍ୟକ୍ତିଙ୍କ ଗୁହାଳ ରହିଥିବା ବେଳେ ଅଧିକାଂଶ ବ୍ୟକ୍ତି ରାସ୍ତାକୁ ଗୁହାଳ କରି ଦେଇଥିବା ଦେଖିବାକୁ ମିଳୁଛି। ଯାହାଫଳରେ ଟ୍ରାଫିକ ସମସ୍ୟା ଉପୁଜିବା ସହ ଦୁର୍ଘଟଣା ଘଟୁଛି। ବର୍ତ୍ତମାନ ନିଗମ ଅଞ୍ଚଳରେ ଗୃହପାଳିତ ଗୋରୁଗାଈ ଓ ବୁଲା କୁକୁରଙ୍କ ପ୍ରାଦୁର୍ଭାବରେ ସହରବାସୀଙ୍କ ଜନଜୀବନ ପ୍ରଭାବିତ କରୁଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଜାନୁଆରୀ ୧୦ ତାରିଖରେ ବ୍ରହ୍ମପୁର ମହାନଗର ନିଗମ ତତଫରୁ ମେୟର ସଙ୍ଘମିତ୍ରା ଦଳାଇଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଗୃହପାଳିତ ପଶୁଙ୍କ ବିଭିନ୍ନ ସମସ୍ୟାକୁ



ନେଇ ଆଲୋଚନା ହୋଇଥିଲା। ଏଥି ମଧ୍ୟରେ ଗୃହପାଳିତ ଗାଈଗୋରୁଙ୍କ ଦ୍ୱାରା ରାସ୍ତା ଅବରୋଧ, ବୁଲା କୁକୁରଙ୍କ ପ୍ରାଦୁର୍ଭାବ, କୁକୁରଙ୍କ ବନ୍ଧ୍ୟାକରଣ କରାଯିବା ସହ କାଞ୍ଜିଆହୁଦା ପାଇଁ ବୈଠକରେ ସହମତି ପ୍ରକାଶ ପାଇଥିଲା। ତିନି ମାସ ଭିତରେ ଗୋଷାଣୀନୂଆଗାଁ, ୱାର୍ଡ ନମ୍ବର -୨୭ ଅନ୍ତର୍ଗତ ଶ୍ମଶାନ ପଛପଟ ସ୍ଥାନରେ ସ୍ଥାୟି କାଞ୍ଜିଆହୁଦା ନିର୍ମିତ ହେବ ବୋଲି ପ୍ରକାଶ କରିଥିଲେ। ସେଠାରେ ପ୍ରାୟ ୬୦ ଗୋରୁଗାଈଙ୍କ ସମେତ ୫୦ରୁ ଉର୍ଦ୍ଧ କୁକୁର ରହିବା ବ୍ୟବସ୍ଥା ରହିବ ବୋଲି ପ୍ରତିଶୃତି ଦେଇଥିଲେ। ପଶୁପ୍ରେମୀ ଓ ବୁଦ୍ଧିଜୀବୀ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। କିନ୍ତୁ ପରିତାପ ଓ କ୍ଷୋଭ ବିଷୟ, ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟ ହୋଇନଥିବା ଜଣାପଡିଛି। ସେହିପରି କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ହୁଗୁଲାପେଟା ଗ୍ରାମରେ ୮୧ ଲକ୍ଷ ଟଙ୍କା ବ୍ୟୟରେ କାଞ୍ଜିଆହୁଦା କରିବାକୁ ଯୋଜନା କରିଥିଲା ମହାନଗର ନିଗମ । ୨୦୨୩ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅଢେଇ ବର୍ଷ ବିତିଯାଇଥିଲେ ମଧ୍ୟ ତାହା ଶେଷ ହେବାର ନା 'ବି ଧରୁନି । ବର୍ତ୍ତମାନ ଅଧାପନ୍ତରିଆରେ। ବିଗତ ଦିନରେ ଗୃହପାଳିତ ଗାଈଗୋରୁଙ୍କୁ ସର୍ବସାଧାରଣ ସ୍ଥାନରେ ଖୋଲା ଛାଡିଦେଲେ ତାହାକୁ ଧରି କାଞ୍ଜିଆହୁଦାରେ ରଖା ଯାଉଥିଲା। ମାଲିକ ସେମାନଙ୍କ ଗାଈଗୋରୁଙ୍କୁ ନେବା ପାଇଁ ଆସିଲେ ମୋଟା ଅଙ୍କର ଜରିମାନା ଦେବାକୁ ପଡୁଥିଲା। ଅନ୍ୟପକ୍ଷରେ କାଞ୍ଜିଆହୁଦାରେ ସରକାର ଏହି ପ୍ରାଣୀମାନଙ୍କ ରହିବା, ଖାଇବା, ପିଇବା ପାଇଁ ବନ୍ଦୋବସ୍ତ କରୁଥିଲେ। କିନ୍ତୁ ଆଜି ଏହି ଯୋଜନା ପାଣିରେ ଗାର ସଦୃଶ୍ୟ। ରାଜ୍ୟର ଅଧିକାଂଶ ସ୍ଥାନରେ କାଞ୍ଜିଆହୁଦା ଆଉ ଦେଖିବାକୁ ମିଳୁନାହିଁ। ଯେଉଁଥିରେ ଗଞ୍ଜାମ ଜିଲ୍ଲା ଅନ୍ୟତମ। କାଞ୍ଜିଆହୁଦା ଓ ଗୋଶାଳା ଅଭାବରୁ ଜିଲ୍ଲାରେ ଗୃହପାଳିତ ଗାଈଗୋରୁଙ୍କ ସର୍ବସାଧାରଣ ସ୍ଥାନରେ ବିଚରଣ କରିବା ସଂଖ୍ୟା ବଢ଼ିବାରେ ଲାଗିଛି ଏବଂ ନିରୀହ ପଶୁମାନେ ରାସ୍ତା ଘାଟରେ ବୁଲି ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେମାନଙ୍କର ଜୀବନ ବଞ୍ଚାଇବା ପାଇଁ କାଞ୍ଜିଆହୁଦା ଯଦି କାର୍ଯ୍ୟକ୍ରମ ହୋଇ ପାରିଥାନ୍ତା ତେବେ ସେମାନେ ତାଙ୍କ ଜୀବନ ବଞ୍ଚାଇ ପାରିଥାନ୍ତେ ଆଉ ମାଲିକମାନେ ମଧ୍ୟ ସେମାନଙ୍କ ଗୃହପାଳିତ ପଶୁଙ୍କୁ କାଞ୍ଜିଆହୁଦାରୁ ମୁକୁଳେଇବା ପାଇଁ ଜରିମାନା ଦେଇ ସାବାଡ଼ ହୋଇ ପାରିଥାନ୍ତେ।

# ଜଳେଶ୍ୱର କଂଗ୍ରେସ ଓ ସି ପି ଆଇ (ଏମ) ପକ୍ଷରୁ ସୌମ୍ୟାଶ୍ରୀ ବିସିଙ୍କୁ ନ୍ୟାୟ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଜଳେଶ୍ୱର,(ମନ୍ଥନ ନ୍ୟୁଜ)-ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ୍ ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ମହାବିଦ୍ୟାଳୟର ଅଧ୍ୟାପକଙ୍କ ଦ୍ୱାରା ଶୋଷଣ ହେବା ପରେ,ସରକାରୀ ତଥା ପ୍ରଶାସନ ତରଫରୁ ନ୍ୟାୟ ନ ମିଳିବା ଦୁଃଖରେ ସେ ଆତ୍ମାହୁତି ଦେଇଥିଲେ ଏବଂ ପରେ ଗତ ୧୪ତାରିଖ ବିଳମ୍ବିତ ରାତିରେ ତାଙ୍କର ପରଲୋକ ଘଟିଥିଲା।ଗତକାଲି ଜଳେଶ୍ୱର କଂଗ୍ରେସ କମିଟି ଓ ଜଳେଶ୍ୱର ସିପିଆଇ (ଏମ) ପକ୍ଷରୁ ସନ୍ଧ୍ୟା ୬ ଘଟିକା ସମୟରେ ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ତାଙ୍କୁ ନ୍ୟାୟ ପ୍ରଦାନ ଦାବୀରେ ଜଳେଶ୍ୱର ବଡ ବଜାର ଛକ ଠାରୁ ପଞ୍ଚମୁଖୀ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଯାଇ ମନ୍ଦିରରେ ଦୀପ ଜାଳି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ




ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡା,ପୂର୍ବତନ ଟାଉନ କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ,ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର,ପୂର୍ବତନ ସରପଞ୍ଚ ସୁଦାମ ଚରଣ ପାତ୍ର,ଯୁବ କଂଗ୍ରେସ ନେତା ସବ୍ୟସାଚୀ ଦାସ,ହରିଶଙ୍କର ଜେନା, ଅଞ୍ଜଳୀ ପ୍ରଧାନ,ଖଗେନ୍ଦ୍ର ସାମଲ, ଗତିକୃଷ୍ଣ ଦଳେଇ,ଅହଲ୍ୟା ପ୍ରଧାନ, ପ୍ରାଚୀ ପ୍ରତ୍ୟାଶା ପ୍ରିୟଦର୍ଶିନୀ,ପ୍ରମିଳା ଦାସ,ଇପ୍ସିତା ଦାସ,ବିରେନ୍ଦ୍ର ମୁଖୀ,ସେହିପରି ସି.ପି.ଆଇ (ଏମ) ର ଦିଲ୍ଲୀପ କୁମାର ଗିରି,ଅକ୍ଷୟ ମିଶ୍ର,ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ପରିଡ଼ା, ପ୍ରକାସ ଦେ, ମମି ପଣ୍ଡା,ପଲ୍ଟୁ ଦାସ, ସବିତା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।ସେହିପରି ପଶ୍ଚିମବାଡ଼ କଂଗ୍ରେସ କମିଟିର ଉପସ୍ଥିତ ସଭାପତି ମଦନ ମହନ ପାତ୍ର,ଚନ୍ଦନ କୁମାର ଜେନା,ସରୋଜ କୁମାର ଦାସ,ବାପୁଜୀ ଦାସ,ରବାନୀ ସାହା, ଗଣେଶ ଚନ୍ଦ୍ର ରାଉଳ, ନାଏବ ସରପଞ୍ଚ ଆରତୀ ରାଉଳ,ହରେନ୍ଦ୍ର ଗାଣ,ମଧୁସୂଦନ ଜେନା,ଜଗନ୍ନାଥ ମିଶ୍ର,ଅଜୟ ରାଉଳ ପ୍ରମୁଖ ନେତୃବନ୍ଦ ଉପସ୍ଥିତ ରହି ପ୍ରତିବାଦ କରିଥିଲେ।

# ଅରଫାନ୍ ସର୍ଭେ-୨୦୨୫' ଆରମ୍ଭ , 'ଆମରି ଶିଶୁ' ପୋର୍ଟାଲ୍‌ରେ ରହିବ ଶିଶୁଙ୍କ ତଥ୍ୟ

ବୁଗୁଡା: ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଶିଶୁ ଅଧିକାର ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ 'ଅରଫାନ୍ ସର୍ଭେ-୨୦୨୫' କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ବୁଗୁଡା ବ୍ଲକ ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନ ସାଙ୍ଗକୁ ଅଞ୍ଚଳ ପରିଦର୍ଶିକା ଜି.ରଶ୍ମି , ମମତା ଶବର,ସ୍ୱର୍ଣ୍ଣମୟୀ ନାୟକ , ଲିଲି ଶବର , ଗିତାଞ୍ଜଳୀ ବଡମୁଣ୍ଡି ଓ ଜାନକୀ ଦେବୀ ପ୍ରମୁଖଙ୍କ ନେତୃତ୍ୱରେ ଅଙ୍ଗନବାଡି କର୍ମୀମାନେ ଏହି ସର୍ଭ କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି। ପିତୃମାତୃହୀନ ଶିଶୁଙ୍କୁ ଚିହ୍ନଟ ସହିତ ନିର୍ଦ୍ଦିଷ୍ଟ ଫର୍ମରେ ସବିଶେଷ ତଥ୍ୟ ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି । ପ୍ରତ୍ୟେକ ଶିଶୁର ତଥ୍ୟ 'ଆମରି ଶିଶୁ' ପୋର୍ଟାଲ୍‌ରେ ଦାଖଲ କରାଯିବା କାର୍ଯ୍ୟକ୍ରମ ରହିଛି । ବୁଗୁଡା ବ୍ଲକ ପରିସରଭୁକ୍ତ ୨୧ଟି ପଞ୍ଚାୟତର ୯ଟି ସେକ୍ଟର ଅନ୍ତର୍ଗତ ୨୧୩ଟି ଅଙ୍ଗନୱାଡି କେନ୍ଦ୍ର ସହିତ ଏନ୍‌ଏସି ସେକ୍ଟର ଅଧୀନସ୍ଥ ୧୩ଟି ୱାର୍ଡରେ ଥିବା ୧୮ଟି ଅଙ୍ଗନବାଡି କେନ୍ଦ୍ରରେ ଏହି 'ଅରଫାନ୍ ସର୍ଭ-୨୦୨୫' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଜଣାଯାଇଛି । ସର୍ଭ କାର୍ଯ୍ୟକ୍ରମରେ ଉଭୟ ପିତାମାତାଙ୍କୁ ହରାଇଥିବା ଶିଶୁ , ପିତା କିମ୍ବା ମାତାଙ୍କୁ ହରାଇଥିବା ଶିଶୁ , ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ କିମ୍ବା ଦୂରାରୋଗ୍ୟ ବ୍ୟାଧିଗ୍ରସ୍ତ କାରଣରୁ ରୋଜଗାରହୀନ ପିତାଙ୍କ ସହିତ ରହୁଥିବା ଶିଶୁମାନଙ୍କୁ ଚିହ୍ନଟ କରାଯିବା ଲକ୍ଷ୍ୟ ରହିଛି । ୨୦୨୫ ମସିହା ଜୁନ୍ ମାସ ୧ ତାରିଖ ସୁଦ୍ଧା ଜନ୍ମଗ୍ରହଣ କରିଥିବା ଶିଶୁଙ୍କ ଠାରୁ ୧୮ ବର୍ଷ ବୟସ ଯାଏଁ ଶିଶୁ ଓ ନାବାଳକମାନଙ୍କୁ ଏହି 'ଅରଫାନ୍ ସର୍ଭେ-୨୦୨୫' ଅଭିଯାନରେ ଚିହ୍ନଟ କରାଯିବ । ପରବର୍ତ୍ତୀ ସମୟରେ ଚିହ୍ନଟ ଶିଶୁମାନଙ୍କୁ ଆବଶ୍ୟକତା ଅନୁଯାୟୀ ସଯତ୍ନ ସୁରକ୍ଷା ତଥା ଥଇଥାନ ଯୋଜନା ପ୍ରସ୍ତୁତିରେ ସହାୟକ ହେବ ବୋଲି କୁହାଯାଉଛି ।



# ରଘୁନାଥପୁର ତହସିଲରେ ନୂତନ ତହସିଲଦାରଙ୍କ ଯୋଗଦାନ

ଜଗତସିଂହପୁର,(ନିପ୍ର) ରଘୁନାଥପୁର ତହସିଲରେ ବହୁ ପ୍ରତିକ୍ଷିତ ତହସିଲଦାର ଆଜି ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ, ରଘୁନାଥପୁର ତହସିଲରେ ଦୀର୍ଘ ଦିନ ଧରି କେହି ତହସିଲଦାର ନଥିଲେ। ଲୋକ ମାନଙ୍କୁ ଉପଯୁକ୍ତ ବ୍ୟବହାର ଅଭାବରୁ ପୂର୍ବତନ ତହସିଲଦାର ଅଭିପ୍ସା ପଟ୍ଟନାୟକଙ୍କ ବଦଳି ପରେ ଏହି ପଦବୀ ଟି ଖାଲି ପଡିଥିଲା। ଗତ ମାସରେ ଏହି ସ୍ଥାନକୁ ଭୁବନେଶ୍ୱର ବିଡିଏର ଡେପୁଟି କମିଶନର ଭାବେ କାର୍ଯ୍ୟ କରୁଥିବା ରାଜଲକ୍ଷ୍ମୀ ନାୟକଙ୍କୁ ବଦଳି କରାଯାଇଥିଲେ ମଧ୍ୟ ସେ ଏଠାରେ ବିଭିନ୍ନ କାରଣରୁ ଯୋଗ ଦେଇ ପାରିନଥିଲେ। ଫଳରେ ରଘୁନାଥପୁର ତହସିଲରେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇ ନପାରି ପଡି ରହିଥିଲା। ତେବେ ବହୁ ପ୍ରତିକ୍ଷା ପରେ ଆଜି ନୂତନ ତହସିଲଦାର ଯୋଗ ଦେଇଥିବା ବେଳେ ତହସିଲରେ ଆନନ୍ଦର ଲହରୀ ଖେଳିଯିବା ସହିତ ଅତିରିକ୍ତ ତହସିଲଦାର ତପନ କୁମାର ପରିଡାଙ୍କ ସମେତ ସମସ୍ତ ରାଜସ୍ୱ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ପୂର୍ବକ ପାଛୋଟି ନେଇଥିଲେ।




# ନୂଆଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, (ନି.ପ୍ର) ୧୪.୦୭.୨୦୨୫- ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ବରିଷ୍ଠ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୮୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୪ ଟି, ଆବାସ ଯୋଜନା ସମ୍ପର୍କୀୟ ୨୦ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୨୪ ଟି, ଭତ୍ତା ପାଇବା ପାଇଁ ୬ ଟି, ପୋଲିସ୍ ସହାୟତା ପାଇଁ ୨ ଟି ଏବଂ ଅନ୍ୟାନ୍ୟ ୧୭ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧ ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ,ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବିନାରାୟଣ ଜେଠୀ,ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାଉଗାଁ, ଶ୍ରୀ ନିରଞ୍ଜନ ପରିଡ଼ା,ତହସିଲଦାର, ନାଉଗାଁ, ଶ୍ରୀ ଅକ୍ଷୟ କୁମାର ବଡ୍ତୁ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।




# ଜୁଲାଇ ୧୭ ତାରିଖ ଓଡିଶା ବନ୍ଦକୁ ନେଇ ରାଉରକେଲା ଯୁବ କଂଗ୍ରେସ ପକ୍ଷରୁ ପ୍ରେସ ବିବୃତି

ରାଉରକେଲା , ଆଜି ରାଜ୍ୟ ଯୁବ କଂଗ୍ରେସ ସଭାପତି ରଂଜିତ ପାତ୍ର ଓ ରାଜ୍ୟ ଛାତ୍ର ସଭାପତି ଉଦିତ ପ୍ରଧାନଙ୍କ ଆହ୍ୱାନ କ୍ରମେ ରାଉରକେଲା ଜିଲ୍ଲା ଯୁବ କଂଗ୍ରେସ ସଭାପତି ମୋତିଲାଲ ଦୀପ ଓ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ ଓ ଯୁବ ନେତା ଶିବୁ ଦୀପଙ୍କ ନେତୃତ୍ୱରେ ଗତ ଦୁଇ ଦିନ ପୂର୍ବ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ହେଇଥିବା ଅଭାବନୀୟ ଘଟଣାରେ ଭଉଣୀ ସୋମ୍ୟଶ୍ରୀଙ୍କ ଆତ୍ମଦାହ ଓ ଆତ୍ମାହୂତୀ ବିରୁଦ୍ଧରେ ଆଜି ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରାଯାଇଥିଲା। ଅପରାଧୀମାନଙ୍କୁ ଯଥାଶୀଘ୍ର ଦଣ୍ଡ ଦିଆଯିବାର ଦାବି କରାଯିବା ସହିତ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ସହିତ ତାଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା। ଆସନ୍ତା କାଲି ଓଡିଶା ବନ୍ଦ ପରେ ଓଡିଶାରେ ଭାଜପା ସରକାରର ଚେତା ନପସେ ତାହେଲେ ଯୁବ ଓ ଛାତ୍ର କଂଗ୍ରେସ ନିଜ ଆନ୍ଦୋଳନ ଜାରି ରଖିବ ବୋଲି ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି




ଆନ୍ଦୋଳନରେ ରାଉରକେଲା ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ରବି ରାୟ, ପୂର୍ବତନ ରାଜ୍ୟ ମହାସଚିବ ପ୍ରବୋଧ ଦାସ, ପୂର୍ବତନ ରାଜ୍ୟ ମହାସଚିବ ସବୀର ହୁସେନ, ରାଉରକେଲା ନିର୍ବାଚନ ମଣ୍ଡଳୀ ସଭାପତି ଗାନ୍ଧୀ ଦାସ, ଜିଲ୍ଲା କଂଗ୍ରେସ ପୂର୍ବତନ ଉପସଭାପତି ବାସୁଦେବ ବାନାର୍ଜୀ, ଜିଲ୍ଲା ସଂଖ୍ୟାଲଘୁ ସଭାପତି ଇଜାଜ ଅକ୍ଷର, ଜିଲ୍ଲା ଅନୁସୂଚିତ ଜାତି ସଭାପତି ଦିବାକର ଦୀପ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସନ୍ଦୀପନ ମହାପାତ୍ର, ଯୁବ ନେତା ପ୍ରସନ୍ନ କୁମାର ବଳିୟାରସିଂ, ଜିଲ୍ଲା ଯୁବ ଉପସଭାପତି ବାବୁଲି ଢୋଲିଆ, ଛାତ୍ର କଂଗ୍ରେସ ରଘୁନାଥପଲ୍ଲୀ ନିର୍ବାଚନ ମଣ୍ଡଳୀ ସଭାପତି ଅନୁରାଗ ବିଶ୍ୱାଳ ଜିଲ୍ଲା କଂଗ୍ରେସ ଉପସଭାପତି ଆଶିଷ ମହାନ୍ତି, ବ୍ଲକ ସଭାପତି ପ୍ରଫୁଲ ପ୍ରଧାନ, ଦୁଃଶା ନାୟକ, ରମେଶ ଗୁପ୍ତା, ଭୀମ ମାହାତୋ, ସର୍ଭଶ ସିଂହ, ସେବଦଳର ବୁଲୁ ଦାସ, ପୂର୍ବତନ ଓବିଶି ରାଜ୍ୟ ସଂଯୋଜକ ସିଲୁ ବରାଳ, ଯୁବନେତା ଶ୍ୟାମ ସାଗର, ଧର୍ମା ନାୟକ, ବବଲୁ ଖାନ, ବାବୁଲାଲ ଦୀପ, ଦୟାନିଧି ନାଗ ସମେତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ଦଳକୁ ବ୍ଲକ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁଭେଚ୍ଛା

ଜଗସିଂହପୁର,(ନିପ୍ର) ରାଜ୍ୟ ସ୍ତରୀୟ ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତାରେ ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତର ଗୋପିନାଥ ଏସଏଚ୍‌ଜିର କଳ୍ପନା ସିଂହ, ରାଜଲକ୍ଷ୍ମୀ ସିଂହ ଓ ଆଲେକ୍ସା ଆଞ୍ଜ ?ଲିନା ଜିଲ୍ଲା ସ୍ତରରୁ ମନୋନୀତ ହୋଇଥିବାରୁ ରଘୁନାଥପୁର ବ୍ଲକ ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଅଶେଷ ଶୁଭେଚ୍ଛା ଜଣାଇ ଦିଆଯାଇଛି। ଆସନ୍ତା ଜୁଲାଇ ୨୨ତାରିଖରେ ଭୁବନେଶ୍ୱର ମେ ଫେୟାର ଲାଗୁନରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଗୋପିନାଥ ଏସଏଚ୍‌ଜିର ଏହି ମହିଳା ତିନି ଜଣ ଭାଗ ନେବାକୁ ଥିବା ବେଳେ ଜଗତସିଂହପୁର ଡିସିସି ମୋନାଲିସା ଭଞ୍ଜ,ରଘୁନାଥପୁର ବିଡିଓ ବିରେଞ୍ଚି ନାରାୟଣ ବେହେରା,ବିପିସି ଶଶାଙ୍କ ଶେଖର ସ୍ୱାଇଁ,ବିପିଏମ ଲିପିକା ଷଡଙ୍ଗୀ ପ୍ରମୁଖ ବ୍ଲକର ସମସ୍ତ କର୍ମଚାରୀ ଓ ଏସ ଏଚ୍‌ଜି ମହିଳା ସଦସ୍ୟାମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଜୟ କାମନା କରିଛନ୍ତି।





# ଚକ୍ଷୁ ଯତ୍ନରେ ରୂପାନ୍ତରଣ ଆଣୁଛି ଆଦିତ୍ୟ ଆଲୁମିନିୟମର ପ୍ରୋଜେକ୍ଟ ଭିଜନ ସେଣ୍ଟର

ଭୁବନେଶ୍ୱର,୧୬।୭ (ନି.ପ୍ର) : ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଆଦିତ୍ୟ ଆଲୁମିନିୟମ, ଭିଜନ ଇଣ୍ଡିଆ ଫାଉଣ୍ଡେସନ ସହଯୋଗୀତାରେ ତାହାର ପ୍ରମୁଖ ପ୍ରୋଜେକ୍ଟ ଭିଜନ ସେଣ୍ଟର ଜରିଆରେ ଗଭୀର ପ୍ରଭାବ ପକାଇଛି। ଓଡ଼ିଶାର ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ରେଙ୍ଗାଲି ବ୍ଲକର ୯୪,୦୦୦ରୁ ଅଧିକ ବାସିନ୍ଦା ଚକ୍ଷୁ ଯତ୍ନ ସେବା ପାଇସାରିଛନ୍ତି। ୨୦୨୦ରେ ଏହା ଆରମ୍ଭ ହେବା ଦିନଠାରୁ ଏହି ସେଣ୍ଟର ୮୧ଟି ଗ୍ରାମକୁ ସେବା ଯୋଗାଇବାରେ ପ୍ରଥମ ଏବଂ ଏକମାତ୍ର ଚକ୍ଷୁ ଯତ୍ନ ସୁବିଧା କେନ୍ଦ୍ର ଭାବରେ ଉଭା ହୋଇଛି। ପୂର୍ବରୁ ମୌଳିକ ଚକ୍ଷୁଯତ୍ନ ସମ୍ପର୍କିତ ସେବାରୁ ବଞ୍ଚିତ ହୋଇ ଆସିଥିବା ଅଞ୍ଚଳରେ ଏହି ପ୍ରୟାସ ଆଉ ପାଦେ ଅଗ୍ରସର ହୋଇଛି। ସ୍ଥାନୀୟ ଅପ୍‌ଟୋମେଟ୍ରିଷ୍ଟ ଏବଂ ସମ୍ବଲପୁରରେ ଅବସ୍ଥିତ ତ୍ରିଲୋଚନ ନେତ୍ରାଳୟର ଡାକ୍ତରମାନଙ୍କ ସହିତ ରିମୋଟ ଭିଡିଓ ପରାମର୍ଶର ଏକ ସ୍ମାର୍ଟ ସମ୍ମିଶ୍ରଣ ଜରିଆରେ ଏହି କେନ୍ଦ୍ର ପରିଚାଳିତ ହେଉଛି, ଯେଉଁମାନଙ୍କ ସହିତ ଏହା ଘନିଷ୍ଠ ଭାବରେ ସହଭାଗୀତା କରିଆସୁଛି। ଏହି କେନ୍ଦ୍ର ସୁଲଭ ଏବଂ ସହଜ ପ୍ରାଥମିକ ଚକ୍ଷୁ ଯତ୍ନ ସେବା ଯୋଗାଇ ଦେଉଛି। କେବଳ ଗୋଟିଏ ତ୍ରୟମାସିକରେ ଏଠାରେ ୬୩୫ରୁ ଅଧିକ ରୋଗୀଙ୍କର ଚିକିତ୍ସା କରାଯାଇଛି ଏବଂ 'ଅନ୍ଧତ୍ୱ ମୁକ୍ତ ସମ୍ବଲପୁର' ଅଭିଯାନ ଅଧୀନରେ ୭୦ଟି ମୋତିଆବିନ୍ଦୁ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ କରାଯାଇଛି, ଯାହାଦ୍ୱାରା ସେମାନଙ୍କର ଦୃଷ୍ଟିଶକ୍ତି ଫେରାଇ ଅଣାଯାଇପାରିଛି ଏବଂ ସେମାନଙ୍କର ଭବିଷ୍ୟତ ସୁରକ୍ଷିତ କରାଯାଇଛି। ଏହା ଅନ୍ଧାର ମଧ୍ୟରେ ଆଲୋକ ଏବଂ ଆଶା ଆଣିଦେଉଛି। କମ୍ ଦୃଷ୍ଟିଶକ୍ତି କାରଣରୁ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ବୟସ୍କ ଗ୍ରାମବାସୀଙ୍କ ଠାରୁ ନେଇ ଯୁବ ଛାତ୍ର ଛାତ୍ରୀଙ୍କ ପର୍ଯ୍ୟନ୍ତ, ଏହି କେନ୍ଦ୍ର ସାପ୍ତାହିକ ଭିତ୍ତିରେ ଜନସାଧାରଣଙ୍କ ପାଇଁ ପହଞ୍ଚଯୋଗ୍ୟ ସ୍ଥାନରେ ଶିବିର ଆୟୋଜନ, ଘରକୁ ଘର ଯାଇ ଯାଞ୍ଚ ଏବଂ ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କର ନିରଳସ ପ୍ରୟାସ ଜରିଆରେ ଏହି କେନ୍ଦ୍ର ନିଜର ସେବା ଯୋଗାଇ ଦେଉଛି। ଏହାର ସେବାରେ ଉପକୃତ ରୋଗୀମାନଙ୍କ ମୁହଁରୁ ଭୂୟସୀ ପ୍ରଶଂସା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଏହାର ପ୍ରଭାବ ସମ୍ପର୍କରେ ବର୍ଣ୍ଣନା କରୁଛି। ଏହି କେନ୍ଦ୍ର ପ୍ରଭାବୀ ପରବର୍ତ୍ତୀ ଯତ୍ନ ନିମନ୍ତେ ରୋଗୀମାନଙ୍କର ରେକର୍ଡ ଡିଜିଟାଇଜ କରୁଛି ଏବଂ ଏହା ଟେରିଜିୟମ୍ ଓ ଡାଏବେଟିକ ରେଟିନୋପାଥି ଭଳି ପରିସ୍ଥିତି ସୁଧାରିବା ଦିଗରେ ପଦକ୍ଷେପ ନେଇଛି ଏବଂ ସେହି




ସମୟରେ ରୋମୀମାନଙ୍କୁ ନିତାନ୍ତ ଆବଶ୍ୟକ ଚଷମା ବଣ୍ଟନ କରୁଛି। ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା ୟୁନିଟ ଏବଂ ଉତ୍ସର୍ଗୀକୃତ ଗ୍ରାମ ସ୍ତରର ସ୍ୱେଚ୍ଛାସେବୀଙ୍କ ଜରିଆରେ ଏହି ସେବା ୧୦୮ଟି ଗ୍ରାମକୁ ସମ୍ପ୍ରସାରିତ କରିବା ଯୋଜନା ରହିଥିବାବେଳେ ଆଦିତ୍ୟ ଆଲୁମିନିୟମ ଉକ୍ତ ଅଞ୍ଚଳରୁ ନିରାକରଣଯୋଗ୍ୟ ଅନ୍ଧତ୍ୱ ସମ୍ପୂର୍ଣ୍ଣ ଭାବରେ ଦୂରୀକରଣ କରିବା ଲକ୍ଷ୍ୟ ରଖିଛି। "ଏହା କେବଳ ମାତ୍ର ସିଏସଆର ନୁହେଁ- ଏହା ଜନସମୁଦାୟକୁ ଆରୋଗ୍ୟ କରିବା," ବୋଲି ଶ୍ରୀ ଜେ ପି ନାୟକ, ୟୁନିଟ ହେଡ୍, ଆଦିତ୍ୟ ଆଲୁମିନିୟମ କହିଥିଲେ। "ଦୃଷ୍ଟିଶକ୍ତି ଫେରାଇ ଆଣିବା ଅର୍ଥ ଜୀବିକା ଉପାର୍ଜନ, ଶିକ୍ଷା ଅର୍ଜନ ଏବଂ ଜୀବନ ଫେରାଇ ଆଣିବା," ବୋଲି ସେ କହିଥିଲେ।

"ମୁଁ ପୁଣିଥରେ ସ୍ପଷ୍ଟ ଭାବରେ କେବେ ଦେଖିପାରିବା ଆଶା ହରାଇଥିଲି। ଭିଜନ ସେଣ୍ଟରକୁ ଧନ୍ୟବାଦ, ଏବେ ମୁଁ ସିଲେଇ କରିପାରୁଛି ଏବଂ ସ୍ୱାଧୀନ ଭାବରେ ଜୀବନ ନିର୍ବାହ କରୁଛି। ଏହା ଯେମିତି ମୋ ପାଇଁ ଜୀବନ ଫେରିପାଇବା ଭଳି ହୋଇଛି," ବୋଲି ରେଙ୍ଗାଲି ବ୍ଲକ୍‌ର ୭୩ ବର୍ଷ ବୟସ୍କ ଜଣେ ଦରଜୀ ପଞ୍ଚାନନ ବେହେରା କହିଥିଲେ।

ଆମ ରାଷ୍ଟ୍ରରେ ଯେଉଁଠି ହଜାର ହଜାର ଲୋକ ଦୃଷ୍ଟିଶକ୍ତି ହରାଇ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେଠାରେ ରେଙ୍ଗାଳିର ଭିଜନ ସେଣ୍ଟର, କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହନ କିଭଳି ସ୍ଥାୟୀ ସାମାଜିକ ରୂପାନ୍ତରଣ ଆଣିପାରୁଛି ତାହାର ଏକ ଉତ୍ତମ ଉଦାହରଣ ଭାବରେ ଉଭା ହୋଇଛି। ଏକ ଦାୟିତ୍ୱସମ୍ପନ୍ନ କର୍ପୋରେଟ ସଂସ୍ଥା ଭାବରେ ଏବଂ ସମାଜ ପାଇଁ ପ୍ରତିଦାନ ରଖିବାର ନିରନ୍ତର ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଆଦିତ୍ୟ ବିର୍ଲା ଗ୍ରୁପ୍ ଓଡ଼ିଶାରେ ୫ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିବା ସହିତ ୧୨୮ଟି ଗ୍ରାମରେ ୨ଲକ୍ଷରୁ ଅଧିକ ଲୋକଙ୍କ ଜୀବନକୁ ସ୍ପର୍ଶ କରୁଛି। ଗ୍ରୁପ୍ର ସିଏସଆର୍ କାର୍ଯ୍ୟକ୍ରମ ଶ୍ରୀମତୀ ରାଜଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ଆଦିତ୍ୟ ବିର୍ଲା ସେଣ୍ଟର ଫର୍ କମ୍ୟୁନିଟି ଇନିସିଏଟିଭସ୍ ଆଣ୍ଡ ରୁରାଲ ଡେଭେଲପମେଣ୍ଟ ଦ୍ୱାରା ପରିଚାଳିତ ହେଉଛି। ଏହି ଗ୍ରୁପ୍ର ଦୂରଦୃଷ୍ଟି ହେଉଛି ଏହା ନିଜର ବ୍ୟବସାୟ ପରିଚାଳନା କରୁଥିବା ଅଞ୍ଚଳର ଜନସାଧାରଣଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶ ପ୍ରତି ସକ୍ରିୟ ଅବଦାନ ରଖିବା। ଏହା କରିବା ଦ୍ୱାରା ସମାଜର ଦୁର୍ବଳ ବର୍ଗଙ୍କ ନିମନ୍ତେ ଏକ ଉତ୍ତମ, ଦୀର୍ଘସ୍ଥାୟୀ ଜୀବନ ଧାରଣ ପନ୍ଥା ନିର୍ମାଣ କରାଯାଉଛି ଏବଂ ରାଷ୍ଟ୍ରର ମାନବ ବିକାଶ ସୂଚକରେ ବୃଦ୍ଧି ଘଟୁଛି। ଗ୍ରୁପ୍ର ସିଏସଆର ଦୂରଦୃଷ୍ଟି ଦାରିଦ୍ର୍ୟ ଦୂରୀକରଣ ଏବଂ କ୍ଷୁଧାରୁ ମୁକ୍ତି ସୁନିଶ୍ଚିତ କରିବା ନିମନ୍ତେ ୟୁଏନ୍‌ଏସଡିଜି ଲକ୍ଷ୍ୟସମୂହ ମୁତାବକ ହୋଇଛି।

# ଏଚ୍‌ପି ପକ୍ଷରୁ ଅଟୋ-ଡୁପ୍ଲେକ୍ସ ସହ ଲେଜର୍ ଏମ୍‌୩୦୦ ପ୍ରିଂଟର୍ସର ଶୁଭାରମ୍ଭ

ଭୁବନେଶ୍ୱର,୧୬।୭ (ନି.ପ୍ର) : ଏଚ୍‌ପି ପକ୍ଷରୁ ଭାରତରେ ନୂଆ ଏଚ୍‌ପି ଲେଜର ଏମ୍‌୩୦୦ ସିରିଜର ଶୁଭାରମ୍ଭ ଘୋଷଣା କରାଯାଇଛି, ଏହି ଲେଜର ପ୍ରିଂଟର୍ ରେଞ୍ଜକୁ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଏସ୍‌ଏମବି, ସ୍ଥାନୀୟ ବ୍ୟବସାୟ ଓ ପ୍ରିଂଟିଙ୍ଗ ସର୍ଭିସ ଦୋକାନଗୁଡିକର ଆବଶ୍ୟକତା ପୂରଣ କରିବା ପାଇଁ ନିର୍ମାଣ କରାଯାଇଛି। ଏହି ସିରିଜରେ ୫ଟି ମଡେଲ ଯଥା ଲେଜର ଏମଏଫପି ୩୨୩ଏସ୍‌ଡିଏନଡବ୍ଲ୍ୟୁ, ୩୨୩ଡିଏନଡବ୍ଲ୍ୟୁ, ୩୨୩ଡି, ୩୦୩ଡିଡବ୍ଲ୍ୟୁ ଓ ୩୦୩ଡି ସାମିଲ ରହିଛି ଯାହା ସୁଲଭ ମୂଲ୍ୟ ବର୍ଗରେ ଦ୍ରୁତ ଅଟୋ-ଡୁପ୍ଲେକ୍ସ ପ୍ରିଂଟିଙ୍ଗ, ଉନ୍ନତ ପ୍ରିଂଟ୍ ଗୁଣବତା ଓ ଶକ୍ତି ଦକ୍ଷତା ପ୍ରଦାନ କରୁଛି। ନୂଆ ଏଚ୍‌ପି ଲେଜର ଏମ୍‌୩୦୦ ସିରିଜକୁ ଭାରତୀୟ ବ୍ୟବସାୟଗୁଡିକ ପାଇଁ ନିର୍ମାଣ କରାଯାଇଛି ଯାହା ବେଗ, ମଜବୁତ




ଡିଜାଇନ, କମ୍ ରକ୍ଷଣାବେକ୍ଷଣ ଓ ପରିବେଶ ଅନୁକୂଳ ପ୍ରିଂଟିଙ୍ଗ ଆବଶ୍ୟକ କରିଥାଏ। ପ୍ରତି ମିନିଟ ପିଛା ୩୦ଟି ପର୍ଯ୍ୟନ୍ତ ପୃଷ୍ଠାର ପ୍ରିଂଟ୍ ସ୍ପିଡ ଓ ସମସ୍ତ ମଡେଲରେ ଅଟୋମାଟିକ ଟୁ-ସାଇଡେଡ ପ୍ରିଂଟିଙ୍ଗ ସହିତ ଏହି ସିରିଜ ଉପଭୋକ୍ତାଙ୍କୁ ସହଜରେ ଅଧିକ କାର୍ଯ୍ୟଭାରକୁ ନିୟନ୍ତ୍ରଣ କରିବା ପାଇଁ ସକ୍ଷମ କରିଥାଏ। ଏହି ସିରିଜ ସ୍ପଷ୍ଟ କଳା ରଙ୍ଗର ଟେକ୍ସଟ ଓ ଗ୍ରାଫିକ୍ସ ପ୍ରଦାନ କରିବା ପାଇଁ ଆଡ୍‌ଭାନ୍ସଡ ଟୋନରର ବ୍ୟବହାର କରୁଛି ଏବଂ ଏଚ୍‌ପି ସ୍ମାର୍ଟ ମାଧ୍ୟମରେ ସହଜ ମୋବାଇଲ ପ୍ରିଂଟିଙ୍ଗକୁ ସପୋର୍ଟ କରୁଛି। ଏସମ୍ପର୍କରେ ଏଚପି ଇଣ୍ଡିଆର ଇଣ୍ଡିଆ ବିଡିଏସଏଲ ମାର୍କେଟର ପ୍ରିଂଟ କ୍ୟାଟାଗୋରୀ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ସତିଶ କୁମାର କହିଛନ୍ତି, "ଏଚ୍‌ପି ଲେଜର ଏମ୍‌୩୦୦ ସିରିଜ କମ୍ ରକ୍ଷଣାବେକ୍ଷଣ ସହିତ ଦ୍ରୁତ, ଉଚ୍ଚମାନର ଡୁପ୍ଲେକ୍ସ ପ୍ରିଂଟିଙ୍ଗ ପ୍ରଦାନ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ନିର୍ମିତ, ଯାହା ଭାରତର ଗତିଶୀଳ ବ୍ୟବସାୟ ପରିଦୃଶ୍ୟରେ ବ୍ୟବସାୟଗୁଡିକୁ ବୃଦ୍ଧି ଏବଂ ସ୍ଥିର ରଖିବାରେ ସାହାଯ୍ୟ କରିଥାଏ। ଏହି ଲଂଚ ସହିତ ଆମେ ଭାରତର ଗତିଶୀଳ ବ୍ୟବସାୟିକ ଇକୋସିଷ୍ଟମର ନିରନ୍ତର ଅଭିବୃଦ୍ଧି ଓ ସ୍ଥିରତାକୁ ସମର୍ଥନ କରିବା ପାଇଁ ଲକ୍ଷ୍ୟ ରଖିଛୁ।" ଏଚପି ଇଷ୍ଟୋରରେ ଏଚ୍‌ପି ଲେଜର ଏମଏଫପି ୩୨୩ଏସଡିଏନଡବ୍ଲ୍ୟୁର ମୂଲ୍ୟ ୩୫୨୫୦ ଟଙ୍କା, ଏଚପି ଲେଜର ଏମଏଫପି ୩୨୩ଡିଏନଡବ୍ଲ୍ୟୁର ମୂଲ୍ୟ ୩୧୫୦୦ ଟଙ୍କା, ଏଚପି ଲେଜର ଏମଏଫପି ୩୨୩ଡିର ମୂଲ୍ୟ ୨୯,୨୫୦ ଟଙ୍କା, ଏଚପି ଲେଜର ୩୦୩ଡିଡବ୍ଲ୍ୟୁର ମୂଲ୍ୟ ୨୨,୫୦୦ ଟଙ୍କା ଏବଂ ଏଚପି ଲେଜର ୩୦୩ଡିର ମୂଲ୍ୟ ୨୦,୨୫୦ ଟଙ୍କା ରହିଛି।

# ମଣିପାଲ୍‌ସିଗ୍ନା ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପକ୍ଷରୁ ପୂର୍ବ ଭାରତରେ ଉପସ୍ଥିତି ଓ ଉପଦେଷ୍ଟା ସଂଖ୍ୟା ଦ୍ୱିଗୁଣିତ କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୬।୭ (ନି.ପ୍ର) : ଭାରତର ଅଗ୍ରଣୀ ସ୍ୱାସ୍ଥ୍ୟ ବୀମା କମ୍ପାନି ମଣିପାଲ ସିଗ୍ନା ହେଲ୍‌ଥ ଇସ୍ୟୁରାନ୍ସ ପୂର୍ବ ଭାରତରେ ଏହାର ଗୁରୁତ୍ୱକୁ ବଢ଼ାଇଛି। ଏହି ଅଂଚଳରେ ବର୍ତ୍ତମାନ କଂପାନିର ଉପସ୍ଥିତି ୪୨ଟି ସହର ଏବଂ ୧୦,୦୦୦ରୁ ଅଧିକ ଉପଦେଷ୍ଟା ଥିବା ବେଳେ ଖୁଚୁରା ଉପସ୍ଥିତି, ଶାଖା ନେଟ୍‌ୱର୍କକୁ ଦ୍ୱିଗୁଣିତ କରିବା ଓ ୧୦ ହଜାର ଉପଦେଷ୍ଟା ଯୋଡ଼ିବାକୁ କମ୍ପାନି ଲକ୍ଷ୍ୟ ରଖିଛି। ଏହି ଅଂଚଳରେ ବ୍ୟାପକ ଅଭିବୃଦ୍ଧି ହେବା ସହ କମ୍ପାନି ୨୦୨୪-୨୫ ଆର୍ଥିକ ବର୍ଷରେ ୧୩୦ କୋଟି ଟଙ୍କାର ପ୍ରତ୍ୟକ୍ଷ ପ୍ରିମିୟମ୍ ହାସଲ କରିଛି। ସେଥିରେ ପଶ୍ଚିମବଙ୍ଗର ଅବଦାନ ୫୫ କୋଟି ଟଙ୍କାରୁ ଅଧିକ ରହିଛି।

ଜେନେରାଲ୍ ଇନ୍‌ସ୍ୟୁରାନ୍ସ କାଉନ୍‌ସିଲ୍‌ର ତଥ୍ୟ ଅନୁସାରେ ସ୍ୱାସ୍ଥ୍ୟ ବୀମା କମ୍ପାନିଗୁଡ଼ିକର ବାର୍ଷିକ ଅଭିବୃଦ୍ଧି ୧୦ ପ୍ରତିଶତ ରହିଥିବା ବେଳେ ମଣିପାଲ୍‌ସିଗ୍ନା ୪୩ ପ୍ରତିଶତ ପ୍ରିମିୟମ୍ ଅଭିବୃଦ୍ଧି ସହ ଶିଳ୍ପକୁ ଅତିକ୍ରମ କରିଛି। ଗତ ତିନି ବର୍ଷ ମଧ୍ୟରେ କଂପାନି ପୂର୍ବ ଭାରତରେ ୨୦୦ କୋଟି ଟଙ୍କାର ସ୍ୱାସ୍ଥ୍ୟ ବୀମା ଦାବି ପ୍ରଦାନ କରିଛି, ଯେଉଁଥିରୁ କେବଳ ପଶ୍ଚିମବଙ୍ଗରେ ୮୦ କୋଟି ଟଙ୍କାରୁ ଅଧିକ ପ୍ରଦାନ କରାଯାଇଛି। ମଣିପାଲ୍‌ସିଗ୍ନା ହେଲ୍‌ଥ ଇନ୍‌ସ୍ୟୁରାନ୍ସର ମୁଖ୍ୟ ମାର୍କେଟିଂ ଅଧିକାରୀ ସପ୍ନା ଦେଶାଇ କହିଛନ୍ତି ଯେ, "ପୂର୍ବ




ଭାରତରେ ବିଶେଷ କରି ଅର୍ଦ୍ଧ ସହରାଂଚଳ ଓ ଉଦୀୟମାନ ବଜାରରେ ଲୋକମାନଙ୍କ ପାଖରେ ସ୍ୱାସ୍ଥ୍ୟ ବୀମା ପହଂଚାଇବାର ବ୍ୟାପକ ସୁଯୋଗ ରହିଛି। ମିସିଂ ମିଡିଲ୍ ପାଇଁ ପ୍ରସ୍ତୁତ କରାଯାଇଥିବା ସର୍ବ ଭଳି ସମାଧାନ କୋଲକାତାରେ ନୂଆ ବ୍ୟବସାୟ ପ୍ରତି ୫୦ ପ୍ରତିଶତରୁ ଅଧିକ ଅବଦାନ ପ୍ରଦାନ କରିଥିବା ବେଳେ ଆମେ ସ୍ୱାସ୍ଥ୍ୟ ବୀମାକୁ ଲୋକମାନଙ୍କ ପାଖରେ ପହଂଚାଉଥିବା ବେଳେ ତାହାକୁ ସୁଲଭ କରିପାରିଛୁ। ଆମ ଉପସ୍ଥିତି ଓ ଉପଦେଷ୍ଟା ସଂଖ୍ୟା ସମ୍ପ୍ରସାରଣ ଆମକୁ ଏହି ଅଂଚଳରେ ଅଧିକ ପରିବାରକୁ ସେବା ପ୍ରଦାନ କରିବାରେ ସହାୟକ ହେବ।'' ମଣିପାଲ୍‌ସିଗ୍ନାର ଉତ୍ପାଦ ଓ ପରିଚାଳନା ମୁଖ୍ୟ ଆଶିଷ ଯାଦବ କହିଛନ୍ତି ଯେ, "ସର୍ବ ଏହାର ସହଜତା ଓ ମୂଲ୍ୟ ସହିତ ନିତିଦିନିଆ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରି ବାସ୍ତବ ସମସ୍ୟାର ସମାଧାନ କରୁଥିବାରୁ ଅନେକ ପ୍ରମୁଖ ବଜାରରେ ତାହା ପ୍ରଥମ ପସନ୍ଦ ଭାବେ ଉଭା ହୋଇଛି। ଲୋକମାନେ ମେଟ୍ରୋ ହେଉ କିମ୍ବା ଛୋଟ ସହର ଯେଉଁଠାରେ ରହୁଥାଆନ୍ତୁ ନା କାହିଁକି ସେମାନଙ୍କ ପାଇଁ ଉତ୍ପାଦ ଓ ଅଭିଜ୍ଞତା ପ୍ରସ୍ତୁତ କରିବାରେ ଆମ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି। ଆମ ଗ୍ରାହକଙ୍କ ପାଇଁ ଯାହା ସର୍ବାଧିକ ଗୁରୁତ୍ୱ ରଖୁଛି ତାହା ଉପରେ ଧ୍ୟାନ ଦେବା ଆମକୁ ସ୍ୱାସ୍ଥ୍ୟ ବୀମାରେ ଦୀର୍ଘସ୍ଥାୟୀ ବିଶ୍ୱାସ ଗଠନ କରିବାରେ ସହାୟକ ହୋଇଛି।'' ପୂର୍ବ ଭାରତରେ ମଣିପାଲସିଗ୍ନା ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଉପସ୍ଥିତି ଆସାମ, ଅରୁଣାଚଳପ୍ରଦେଶ, ବିହାର, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ଓଡ଼ିଶା, ତ୍ରିପୁରା ଓ ପଶ୍ଚିମବଙ୍ଗରେ ରହିଛି।

# ହାଇଦ୍ରାବାଦରେ କୃଷି-ଗବେଷଣା କେନ୍ଦ୍ର ସ୍ଥାପନ କରିବା ପାଇଁ ଟାଫେର ଜେଫାର୍ମ ଏବଂ ଆଇସିଆରଆଇଏସଏଟି ମଧ୍ୟରେ ସହଭାଗୀତା ସ୍ଥାପନ

ହାଇଦ୍ରାବାଦ,୧୬।୭ : ବିଶ୍ୱର ସର୍ବବୃହତ ଟ୍ରାକ୍ଟର ନିର୍ମାତାମାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ଭାରତରେ ଦ୍ୱିତୀୟ ବୃହତ୍ତମ ଟ୍ରାକ୍ଟର ଏବଂ ଫାର୍ମ ଇକ୍ୱିପମେଣ୍ଟ ଲିମିଟେଡ୍ (ଟାଫେ), ୧୧ ଜୁଲାଇ ୨୦୨୫ ରେ ହାଇଦ୍ରାବାଦର ପାଟନଚେରୁରେ ଆଇସିଆରଆଇଏସଏଟି କ୍ୟାମ୍ପସରେ 'ଜେଫାର୍ମ ଅନୁକୂଳନ କୃଷି ଗବେଷଣା ଏବଂ ସମ୍ପ୍ରସାରଣ କେନ୍ଦ୍ର' ପ୍ରତିଷ୍ଠା କରିବା ପାଇଁ ଦି ଇଣ୍ଟରନାସ୍ନାଲ୍ କ୍ରପ୍ସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଫର୍ ଦି ସେମି-ଆରିଡ୍ ଟ୍ରପିକ୍ସ (ଆଇସିଆରଆଇଏସଏଟି) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି।

ଟାଫେ ୧୯୬୪ ମସିହାରେ ଗବେଷଣା-ଚାଳିତ ସମାଧାନ ଏବଂ ତାଲିମ ମାଧ୍ୟମରେ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ଏକ ସିଏସଆର ପଦକ୍ଷେପ ଭାବରେ ଜେଫାର୍ମ ଉଦ୍ଘାଟନ କରିଥିଲା। ଭବାନୀମାଣ୍ଡି (୨୦୧୬) ରେ ବିସ୍ତାର ସହିତ ଏବଂ ସାର୍ବଜନୀନ-ବ୍ୟକ୍ତିଗତ ସହଭାଗୀତା ମାଧ୍ୟମରେ, ଜେଫାର୍ମ ପିଜେଟିଏସଏୟୁ, ତେଲେଙ୍ଗାନା (୨୦୧୯) ସହିତ 'ଜେଫାର୍ମ ଏବଂ ଉତ୍ପାଦ ତାଲିମ କେନ୍ଦ୍ର' ଏବଂ ଭିଏନଏମକେଭି, ମହାରାଷ୍ଟ୍ର (୨୦୨୩) ସହିତ 'ଜେଫାର୍ମ ଏବଂ ମେକାନାଇଜେସନ ସେଣ୍ଟର' ସ୍ଥାପନ କରିଥିଲା। ଏହି ଦୃଷ୍ଟିକୋଣକୁ ବିଶ୍ୱସ୍ତରୀୟ ଭାବରେ ଗ୍ରହଣ କରି, ସମଗ୍ର ବିଶ୍ୱରେ ତଥା ଗ୍ଲୋବାଲ୍ ସାଉଥରେ ନବସୃଜନ ବିନିମୟ ଏବଂ କୃଷି-ବିକାଶକୁ ଆଗକୁ ବଢ଼ାଇବା ପାଇଁ ଟାଫେ ସେଣ୍ଟର ଅଫ୍




ଏକ୍ସିଲେନ୍ସ ଫର୍ ସାଉଥ-ସାଉଥ୍ କୋପରେସନ ଇନ୍ ଏଗ୍ରିକଲ୍ଚର (ଆଇଏସଏସସିଏ) ସହିତ ସହଭାଗୀତା ସ୍ଥାପନ କରିଛି।

ହାଇଦ୍ରାବାଦର ଜେଫାର୍ମ ଆଡାପ୍ଟିଭ୍ ରିସର୍ଚ୍ଚ ସେଣ୍ଟର, ଲିଙ୍ଗ ଏବଂ ସାମାଜିକ ଅନ୍ତର୍ଭୁକ୍ତିକୁ ପ୍ରାଧାନ୍ୟ ଦେବା ସହିତ, ବିଭିନ୍ନ ପରିବେଶ ଏବଂ ଫସଲରେ ଗବେଷଣାକୁ ବୈଧ କରିବା ପାଇଁ ଟାଫେର କୃଷି-ଯାନ୍ତ୍ରିକୀକରଣ ବିଶେଷଜ୍ଞତା ସହିତ ଆଇସିଆରଆଇଏସଏଟି ର ଉଲ୍ଲେଖନୀୟ ଉଦ୍ଭାବନ ଯେପରିକି ମେସିନ-ଅମଳଯୋଗ୍ୟ ମଟରକୁ ବ୍ୟବହାର କରିବ। ଏହି ସହଭାଗୀତା ଭାରତର ସ୍ଥାୟୀ, ସମ୍ପୂର୍ଣ୍ଣ ଯାନ୍ତ୍ରିକୀକରଣ କୃଷି ଆଡ଼କୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଏବଂ ଗ୍ଲୋବାଲ୍ ସାଉଥରେ ଏହି ଅଗ୍ରଗତିଗୁଡ଼ିକୁ ବିସ୍ତାର କରିବା ପାଇଁ ପ୍ରତିବଦ୍ଧ। କେନ୍ଦ୍ର ଚାଷୀମାନଙ୍କୁ ସ୍ଥାୟୀ କୃଷି ପଦ୍ଧତି ବିଷୟରେ ଶିକ୍ଷା ଦେବା, ଉତ୍ସର୍ଗୀକୃତ ଭିତ୍ତିଭୂମି ମାଧ୍ୟମରେ ମୃତ୍ତିକା ସଂରକ୍ଷଣ ଏବଂ ଦକ୍ଷ ଜଳ ବ୍ୟବହାର ଉପରେ ଧ୍ୟାନ ଦିଆଯାଉଛି। ଏହା ଫସଲ-ଅବଶେଷ ପ୍ରକ୍ରିୟାକରଣ ଉପରେ ବିଶେଷ ଗୁରୁତ୍ୱ ଦେଇ କୃଷିରେ ସ୍କେଲ୍-ଉପଯୁକ୍ତ ଯାନ୍ତ୍ରିକୀକରଣକୁ ପ୍ରୋତ୍ସାହିତ କରିବ। ଏହା କୃଷକମାନଙ୍କୁ କୃଷି ସେବା ମଡେଲ୍ ଏବଂ ଉଦ୍ୟୋଗ ପ୍ରତି ଉତ୍ସାହିତ କରିବା ଏବଂ ଉପଯୁକ୍ତ କୃଷି-ପ୍ରଯୁକ୍ତିବିଦ୍ୟାର ଲ୍ୟାବ-ଟୁ-ଲ୍ୟାଣ୍ଡ ସ୍ଥାନାନ୍ତରକୁ ସହଜ କରିବା ଲକ୍ଷ୍ୟ ରଖିଛି। ଏହି କେନ୍ଦ୍ର ସମନ୍ୱିତ ଯାନ୍ତ୍ରିକୀକରଣ ମଡେଲଗୁଡ଼ିକୁ ମଧ୍ୟ ପ୍ରଦର୍ଶନ କରିବ ଏବଂ ଚାଷୀମାନଙ୍କୁ ଟ୍ରାକ୍ଟର, ଉପକରଣ ଏବଂ ଯନ୍ତ୍ରପାତି ପରିଚାଳନା ତଥା ସେବା ପ୍ରଦାନ କରିବାରେ ତାଲିମ ପ୍ରଦାନ କରିବ। ଏହା ଜେଫାର୍ମ ସେବାର ସଫଳ କୃଷକ-ରୁ-କୃଷକ (ଏଫ୨ଏଫ) ଡିଜିଟାଲ୍ କଷ୍ଟମ୍ ହାୟାରିଂ ମଡେଲକୁ ପ୍ରଦର୍ଶନ କରିବ, ଯାହା ଉପକରଣ ମାଲିକାନା ବିନା ଯାନ୍ତ୍ରିକୀକରଣ ପ୍ରବେଶକୁ ସକ୍ଷମ କରିବ। ଏହା ସହିତ, କେନ୍ଦ୍ର ଶିଳ୍ପ ବିଶେଷଜ୍ଞ, ଷ୍ଟାର୍ଟ-ଅପ୍, ପ୍ରତିଷ୍ଠାନ ଏବଂ ଚାଷୀମାନଙ୍କୁ ଏକତ୍ରିତ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ।

# ଭାରତ ପାଇଁ ନିଜର ହାର୍ଭାର୍ଡ ନିର୍ମାଣ କରିବାର ସମୟ ଆସିଛି

ଭୁବନେଶ୍ୱର,୧୬।୭: ଭାରତ ଏହାର ଶିକ୍ଷା କ୍ଷେତ୍ରରେ ଏକ ନିର୍ଣ୍ଣାୟକ ସନ୍ଧିରେ ଅଛି। ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ୪୦ ନିୟୁତରୁ ଅଧିକ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି (ଏଆଇଏସଏଚଇ ୨୦୨୧-୨୨), ଆମେ ବିଶ୍ୱର ସର୍ବବୃହତ କଲେଜ ପଢୁଥିବା ଜନସଂଖ୍ୟାକୁ ପ୍ରତିନିଧିତ୍ୱ କରୁଛୁ। ତଥାପି, ଆମର ଯୁବପିଢ଼ିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶ୍ୱସ୍ତରୀୟ ପ୍ରଦର୍ଶନ, ଶିକ୍ଷାଗତ ଖ୍ୟାତି ଏବଂ ନିଯୁକ୍ତି ସମ୍ଭାବନା ଦ୍ୱାରା ବିଦେଶରେ ଶିକ୍ଷା ପାଇବାକୁ ଚେଷ୍ଟା କରୁଛନ୍ତି। ଜାନୁଆରୀ ୨୦୨୩ ସୁଦ୍ଧା, ୧.୩ ନିୟୁତରୁ ଅଧିକ ଭାରତୀୟ ଛାତ୍ର ବିଦେଶରେ ପାଠପଢୁଥିଲେ (ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ), ଯାହା କେବଳ ମହତ୍ୱାକାଂକ୍ଷା ନୁହେଁ ବରଂ ଆନ୍ତର୍ଜାତୀୟ ମାନଦଣ୍ଡ ସହିତ ମେଳ ଖାଉଥିବା ଘରୋଇ ପ୍ରତିଷ୍ଠାନର ସମ୍ପୂର୍ଣ୍ଣ ଅନୁପସ୍ଥିତିକୁ ପ୍ରତିଫଳିତ କରେ। ଏହି ଧାରା ଏକ ବଡ଼ ମୂଲ୍ୟରେ ଆସିଛି। ଗତ ଦଶନ୍ଧି ମଧ୍ୟରେ, ଭାରତୀୟମାନେ କେବଳ ୨୦୨୨ ରେ ବିଦେଶୀ ଶିକ୍ଷା ପାଇଁ ପ୍ରାୟ ୪୭ ବିଲିୟନ ଡଲାର ୬୭,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଅଧିକାଂଶ ଭାରତୀୟ ପରିବାର ପାଇଁ, ପିଲାକୁ ବିଦେଶ ପଠାଇବା ଅର୍ଥ ହେଉଛି ସଂଚୟ, ଭାରୀ ଋଣ ନେବା ଏବଂ ବର୍ଷ ବର୍ଷ ଧରି ଆର୍ଥିକ ଅନିଶ୍ଚିତତା ସହ୍ୟ କରିବା ସହିତ ଇତ୍ୟାଦି। ଅର୍ଥନୀତି ଦଣ୍ଡ ଦେଉଛି: ହାର୍ଭାର୍ଡ କିମ୍ବା ଷ୍ଟାନଫୋର୍ଡ ଭଳି ଉଚ୍ଚସ୍ତରୀୟ ବିଶ୍ୱବିଦ୍ୟାଳୟରେ ବାର୍ଷିକ ଶିକ୍ଷାଦାନ ୭୦,୦୦୦ ଡଲାର ପର୍ଯ୍ୟନ୍ତ ପହଂଚିପାରେ (୬୦ ଲକ୍ଷ ଟଙ୍କାରୁ ଅଧିକ), ଆଉ ୨୦,୦୦୦-୩୦,୦୦୦ ଡଲାର ର ଜୀବନଯାପନ ଖର୍ଚ୍ଚକୁ ବାଦ ଦେଇ। ଆର୍ଥିକ ଚାପ ବ୍ୟତୀତ, ଛାତ୍ରଛାତ୍ରୀମାନେ ପ୍ରାୟତଃ ଏକାକୀତା, ସହାୟତା ବ୍ୟବସ୍ଥାର ଅଭାବ ଏବଂ ଘରଠାରୁ ଦୂରରେ ମାନସିକ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜର ସମ୍ମୁଖୀନ ମଧ୍ୟ ହୋଇଥାନ୍ତି। ବିଦେଶର ଦୃଷ୍ଟିକୋଣ ମଧ୍ୟ ପରିବର୍ତ୍ତନ ହେଉଛି। ଅନେକ ଦେଶ ପ୍ରବାସନ ନିୟମକୁ କଠୋର କରୁଛନ୍ତି, ଅଧ୍ୟୟନ ପରବର୍ତ୍ତୀ କାର୍ଯ୍ୟ ଅଧିକାରକୁ ହ୍ରାସ କରୁଛନ୍ତି ଏବଂ ଭିସା ପ୍ରତିବନ୍ଧକ ବୃଦ୍ଧି କରୁଛନ୍ତି। ଉଦାହରଣ ସ୍ୱରୂପ, ୟୁକେ ଆନ୍ତର୍ଜାତୀୟ ଛାତ୍ରମାନଙ୍କୁ ନିର୍ଭରଶୀଳମାନଙ୍କୁ ଆଣିବାରେ ପ୍ରତିବନ୍ଧକ ଲଗାଇଛି। କାର୍ଯ୍ୟ ଭିସା ପରିବର୍ତ୍ତନ କ୍ଷେତ୍ରରେ ଆମେରିକା ଅନିଶ୍ଚିତ ରହିଛି। ଏହି ବାସ୍ତବତାଗୁଡ଼ିକ କେବଳ ଭାରତର ନିଜ ସୀମା ମଧ୍ୟରେ ବିଶ୍ୱସନୀୟ, ଆକାଂକ୍ଷୀ ବିକଳ୍ପ ପ୍ରଦାନ କରିବାର ଜରୁରୀ ଆବଶ୍ୟକତାକୁ ଦୃଢ଼ କରେ। ଏହା ପ୍ରଶ୍ନ କରିବାର ସମୟ ଯେ ଭାରତ ଏଠାରେ କ୍ୟାମ୍ପସ ସ୍ଥାପନ କରିବା ପାଇଁ କେବଳ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ ନିର୍ଭର କରିବା ଉଚିତ୍ କାହିଁକି? ଆମେ କାହିଁକି ଏପରି ପ୍ରତିଷ୍ଠାନ ସୃଷ୍ଟି କରିପାରିବା ନାହିଁ ଯାହାର ଗୁଣବତ୍ତା ଏବଂ ମହତ୍ୱାକାଂକ୍ଷାରେ ସେମାନଙ୍କ ସହିତ ମେଳ ଖାଏ, କିନ୍ତୁ ଭାରତୀୟ ନୀତିରେ ମୂଳ ଏବଂ ଭାରତୀୟ ନେତୃତ୍ୱ ଦ୍ୱାରା ପରିଚାଳିତ? ଏହିଠାରେ ଭାରତ ନିଜର ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ପ୍ରତିଷ୍ଠାନ ସୃଷ୍ଟି କରିବାର ଧାରଣା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ। ଆମକୁ ପଚାରିବାକୁ ପଡିବ ଯେ ଆମ ମାଟିରେ କ୍ୟାମ୍ପସ ଖୋଲିବା ପାଇଁ ଭାରତ କେବଳ ବିଦେଶୀ ବିଶ୍ୱବିଦ୍ୟାଳୟ ଉପରେ କାହିଁକି ନିର୍ଭର କରିବ? ଆମେ କାହିଁକି ଆମର ନିଜସ୍ୱ ହାର୍ଭାର୍ଡ ନିର୍ମାଣ କରିପାରିବୁ ନାହିଁ, ଯାହା ଭାରତୀୟ ଦୃଷ୍ଟିକୋଣ ସହିତ ପରିକଳ୍ପିତ, ଭାରତୀୟ ପୁଞ୍ଜି ଦ୍ୱାରା ସମର୍ଥିତ ଏବଂ ଭାରତୀୟ ମୂଲ୍ୟବୋଧରେ ପରିପୂର୍ଣ୍ଣ ଅନୁଷ୍ଠାନ? ଏହି ମହତ୍ୱାକାଂକ୍ଷାର ଏକ ଶକ୍ତିଶାଳୀ ଉଦାହରଣ ହେଉଛି ବେଦାନ୍ତ ଗ୍ରୁପର ସାମ୍ପ୍ରତିକ ଘୋଷଣା। ଏହି ସଂଗଠନ ଏକ ସାହସିକ, ଅଣ-ଲାଭକାରୀ ଶିକ୍ଷା ପଦକ୍ଷେପରେ ସହଭାଗୀ ହେବାକୁ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନକୁ ଆମନ୍ତ୍ରଣ କରି ଏକ ଆଗ୍ରହ ପ୍ରକାଶ (ଇଓଆଇ) ଜାରି କରିଛି। ବେଦାନ୍ତ ଏକ ବିଶ୍ୱସ୍ତରୀୟ ଜଳପ୍ରାନ୍ତ ଶିକ୍ଷା ସହର ବିକଶିତ କରିବାକୁ ୧୫,୦୦୦ କୋଟି ପ୍ରତିଶ୍ରୁତି ଦେଇଛି, ଯାହା ଏକ ଅତ୍ୟାଧୁନିକ ଗବେଷଣା ବିଶ୍ୱବିଦ୍ୟାଳୟ, ନବସୃଜନ କେନ୍ଦ୍ର, ମେଡିକାଲ କଲେଜ, ଫ୍ୟାକଲ୍ଟି ବିନିମୟ କାର୍ଯ୍ୟକ୍ରମ ଏବଂ ଏକ ଅନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ର ସ୍ଥାପନ କରିବା ପାଇଁ ଡିଜାଇନ୍ କରାଯାଇଛି। ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ, ଔଷଧ, ଜନସ୍ୱାସ୍ଥ୍ୟ, ମାନବିକତା ଏବଂ ଔଷଧ ଆବିଷ୍କାର ଗବେଷଣା ସମେତ ବିଭିନ୍ନ ବିଷୟକୁ ବିସ୍ତାର କରିବ। ବୋଷ୍ଟନ ସିଟି ଉପରେ ଆଧାରିତ, ଏହି ପଦକ୍ଷେପ ଭାରତୀୟ ନେତୃତ୍ୱାଧୀନ, ବିଶ୍ୱସ୍ତରୀୟ ମାନଦଣ୍ଡପ୍ରାପ୍ତ ଶିକ୍ଷାଗତ ଇକୋସିଷ୍ଟମର ସମ୍ଭାବନାକୁ ପ୍ରତିଫଳିତ କରେ। ସାମ୍ପ୍ରତିକ କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଂ ୨୦୨୫ ଆଶାର ଏକ ଝଲକ ପ୍ରଦାନ କରେ। ପ୍ରଥମ ଥର ପାଇଁ, ରାଙ୍କିଂରେ ପ୍ରବେଶ କରିଥିବା ଆଠଟି ଭାରତୀୟ ବିଶ୍ୱବିଦ୍ୟାଳୟ ମଧ୍ୟରୁ ସାତଟି ଘରୋଇ ପ୍ରତିଷ୍ଠାନ। ଏହା ଭାରତର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଉତ୍ସାହଜନକ ପରିବର୍ତ୍ତନକୁ ଚିହ୍ନିତ କରେ, ଯାହା ପ୍ରମାଣ କରେ ଯେ ଘରୋଇ ଉଦ୍ୟୋଗ, ଯେତେବେଳେ ସକ୍ଷମ ହୁଏ, ସେ ଶୈକ୍ଷିକ ଉତ୍କର୍ଷତା ପ୍ରଦାନ କରିପାରିବ।

# ଚିକିତ୍ସକ, ରାଜନେତା ତଥା ସମାଜସେବୀ ଡା. ନବକିଶୋର ରାଉତଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୧୬।୭ (ନି.ପ୍ର) : ଜଣାଶୁଣା ଚିକିତ୍ସକ, ରାଜନେତା ତଥା ସମାଜସେବୀ ଡାକ୍ତର ନବକିଶୋର ରାଉତଙ୍କ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ



ଥିଲେ। ତାଙ୍କ ପରଲୋକରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ରାଉତ ପୁରୀ ଜିଲ୍ଲା ପିପିଲି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଅଂଚଳରେ ଜଣେ "ଦାଢି ଡାକ୍ତର" ଭାବେ ପରିଚିତ ଥିଲେ। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭାବେ ସରକାରୀ ଚାକିରିରୁ ଅବସର ନେବା ପରେ ରୋଗୀ ସେବା କରିବା ସହ ରାଜନୀତିରେ ବି ସେ ସକ୍ରିୟ ଥିଲେ। ସ୍ୱର୍ଗତଃ ରାଉତ ପିପିଲି ନିର୍ବାଚନ ମଣ୍ଡଳୀରୁ ବିଜେପି ପକ୍ଷରୁ ବିଧାନସଭା ପ୍ରାର୍ଥୀ ହୋଇଥିଲେ। ସ୍ୱର୍ଗତଃ ରାଉତ ଅଟଳ ସ୧ାନରେ ସ୧ାନିତ ହୋଇଥିଲେ। ତେଣୁ ସ୍ୱର୍ଗତଃ ରାଉତଙ୍କ ବିୟୋଗରେ ରାଜନୀତି ଓ ଚିକିତ୍ସା କ୍ଷେତ୍ରରେ ଅପୂରଣୀୟ କ୍ଷତି ହୋଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ସ୍ୱର୍ଗତଃ ରାଉତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ଶ୍ରୀ ସାମଲ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ଭାରତୀୟ ତଟ ରକ୍ଷକ ପକ୍ଷରୁ ପ୍ରଦୂଷଣ ପ୍ରତିକ୍ରିୟା କର୍ମଶାଳା ଓ ଆଲୋଚନାଚକ୍ର






ପାରାଦୀପ - ଭାରତୀୟ ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ, ନମ୍ବର- ୭, ଓଡ଼ିଶା ଦ୍ୱାରା ଓଡ଼ିଶାର ସମସ୍ତ ହିତାଧିକାରୀ ସଂଗଠନ ଗୁଡିକ ପାଇଁ ଚଳିତ ଜୁଲାଇ ୧୫ ଓ ୧୬ ତାରିଖରେ ପାରାଦୀପ ଠାରେ ଏକ ଦୁଇ ଦିବସୀୟ ପ୍ରଦୂଷଣ ପ୍ରତିକ୍ରିୟା କାର୍ଯ୍ୟଶାଳା ଓ ଟେବୁଲ ଟପ୍ ଅଭ୍ୟାସ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ବିପିସିଏଲ୍, ଏଚପିସିଏଲ୍, ଆଇଓସିଏଲ୍, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ଅପାତକାଳୀନ ପରିଚାଳନା ପ୍ରାଧିକରଣ ସହିତ ଅନ୍ୟାନ୍ୟ ସଂଗଠନ ର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଭାରତୀୟ ତଟ ରକ୍ଷକ ଦେଶରେ ସମୁଦ୍ର ତଟ ଉପରେ ଘଟୁଥିବା ତେଲ ପ୍ରଦୂଷଣ ପ୍ରତିରୋଧ କାର୍ଯ୍ୟ ପାଇଁ ମୁଖ୍ୟ ନୋଡାଲ୍ ସଂଗଠନ ଭାବରେ କାର୍ଯ୍ୟ କରୁଛି। ଏହି କାର୍ଯ୍ୟଶାଳାର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଏଜେନ୍ସିଙ୍କ ମଧ୍ୟରେ ସହଯୋଗ, ପ୍ରସ୍ତୁତି ଓ ସମନ୍ୱୟକୁ ଶକ୍ତିଶାଳୀ କରିବା, ଯାହା ଦ୍ୱାରା ଓଡ଼ିଶାର ସମୁଦ୍ର ତଟକୁ ପ୍ରଦୂଷଣରୁ ସୁରକ୍ଷା ଦିଆଯାଇପାରିବ । ଏହି କାର୍ଯ୍ୟକ୍ରମକୁ ଭାରତୀୟ ତଟ ରକ୍ଷକ ଓଡ଼ିଶାର ଜିଲ୍ଲା କମାଣ୍ଡର ଉଦଘାଟନ କରି ସମସ୍ତ ଏଜେନ୍ସିଙ୍କୁ ସ୍ୱାଗତ ଓ ଧନ୍ୟବାଦ ଜଣାଇଥିଲେ ଓ କହିଥିଲେ ଯେ, ଏହି ପ୍ରକାର କାର୍ଯ୍ୟକ୍ରମ ଦ୍ୱାରା ସମସ୍ତ ହିତାଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ, ପ୍ରସ୍ତୁତି ଓ ପ୍ରତିକ୍ରିୟା କ୍ଷମତା ବୃଦ୍ଧି ପାଇବ। ଏହା ଭବିଷ୍ୟତରେ ସମୁଦ୍ର ତଟ ପ୍ରଦୂଷଣ କୁ ପ୍ରତିହତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ପ୍ରଥମ ଦିନର କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ପୃକ୍ତ ବିଷୟରେ ପ୍ରସ୍ତୁତିକରଣ ଓ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଦିନ ଟେବୁଲ ଟପ୍ ଅଭ୍ୟାସ ପରେ ପ୍ରାକ୍ଟିକାଲ୍ ପ୍ରଦୂଷଣ ପ୍ରତିକ୍ରିୟା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା, ଯାହା ଭାରତୀୟ ତଟ ରକ୍ଷକ ଜାହାଜ 'ବିଜୟା' ଓ ପାରାଦୀପ ବନ୍ଦର ପ୍ରାଧିକରଣ ର ଜାହାଜ 'ଓସେନ ଏଲିଗାନସ' ରେ କରାଯାଇଥିଲା। ଏହି ପ୍ରକାର କାର୍ଯ୍ୟକ୍ରମ ରାଜ୍ୟର ସମୁଦ୍ରତଟକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ଓ ସମନ୍ୱିତ ପ୍ରତିକ୍ରିୟା କ୍ଷମତାକୁ ବୃଦ୍ଧି କରିବାରେ ଏକ ଦୃଢ ପଦକ୍ଷେପ ଭାବରେ ବିବେଚନା କରାଯାଉଛି।

# ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ

## ୧୦୦ଟି ଜିଲ୍ଲାରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ବିକାଶ ହେବ ତ୍ୱରାନ୍ୱିତ

ନୂଆଦିଲ୍ଲୀ, ୧୬।୭(ପିଆଇବି: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'କୁ ମଞ୍ଜୁର କରିଛିୟ ଏହି ଯୋଜନା ୨୦୨୫-୨୬ ଆର୍ଥିକ ବର୍ଷ ଠାରୁ ଛଅ ବର୍ଷର ଅବଧି ଲାଗି କାର୍ଯ୍ୟକାରୀ ହେବ ଏବଂ ଏଥିରେ ଦେଶର ୧୦୦ଟି ଜିଲ୍ଲାକୁ ସାମିଲ କରାଯିବୟ ନୀତି ଆୟୋଗର ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ପ୍ରଥମ ଥର ପାଇଁ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରୁଛି।

ଏହି ଯୋଜନାର ଲକ୍ଷ୍ୟ ହେଉଛି କୃଷି ଉତ୍ପାଦକତା ବୃଦ୍ଧି କରିବା, ଫସଲ ବିବିଧତା ଓ ଦୀର୍ଘସ୍ଥାୟୀ କୃଷି ପଦ୍ଧତିର ଗ୍ରହଣୀୟତା ବୃଦ୍ଧି କରିବା, ପଞ୍ଚାୟତ ଓ ବ୍ଲକ ସ୍ତରରେ ଅମଳ ପରବର୍ତ୍ତୀ ସଂରକ୍ଷଣକୁ ବଢାଇବା, ଜଳସେଚନ ସୁବିଧାରେ ଉନ୍ନତି ଆଣିବା ଏବଂ ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତାକୁ ସହଜ କରିବାୟ ୨୦୨୫-୨୬ ପାଇଁ ବଜେଟ ଘୋଷଣା ଅନୁଯାୟୀ ''ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'' ଅଧୀନରେ ୧୦୦ଟି ଜିଲ୍ଲାର ବିକାଶ କରିବାୟ ଏହି ଯୋଜନା ୧୧ଟି ବିଭାଗ, ଅନ୍ୟାନ୍ୟ ରାଜ୍ୟ ଯୋଜନା ଏବଂ ଘରୋଇ କ୍ଷେତ୍ର ସହିତ ସ୍ଥାନୀୟ ସହଭାଗୀତାରେ ୩୬ଟି ପ୍ରଚଳିତ ଯୋଜନାର ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ।ନିମ୍ନ ଉତ୍ପାଦକତା, କମ୍ ଫସଲ ସଘନତା ଏବଂ କମ୍ ଋଣ ବଣ୍ଟନର ତିନୋଟି ପ୍ରମୁଖ ସୂଚକ ଆଧାରରେ ୧୦୦ଟି ଜିଲ୍ଲାକୁ ଚିହ୍ନଟ କରାଯିବ ।ମୋଟ୍ ଫସଲ କ୍ଷେତ୍ର ଏବଂ କାର୍ଯ୍ୟକ୍ଷମ ହୋଲ୍ଡିଂର ଅଂଶକୁ ଆଧାର କରି ପ୍ରତ୍ୟେକ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ଜିଲ୍ଲା ସଂଖ୍ୟା ନିର୍ଦ୍ଧାରଣ କରାଯିବୟ ତଥାପି, ପ୍ରତ୍ୟେକ ରାଜ୍ୟରୁ ଅତି କମରେ ଗୋଟିଏ ଜିଲ୍ଲା ଚୟନ କରାଯିବ।

ଯୋଜନାକୁ ଲାଗୁ କରିବା ପାଇଁ ଜିଲ୍ଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ କମିଟି ଗଠନ କରାଯିବୟ ଏହି କମିଟିଗୁଡ଼ିକ ପ୍ରଭାବୀ ଯୋଜନା ପ୍ରସ୍ତୁତି, କାର୍ଯ୍ୟକାରିତା ଏବଂ ତଦାରଖ ପ୍ରତି ଧ୍ୟାନ ଦେବୟ ଜିଲ୍ଲା ଧନ ଧାନ୍ୟ କମିଟି ଦ୍ୱାରା ଗୋଟିଏ ଜିଲ୍ଲା କୃଷି ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପ ଯୋଜନା ଚୂଡ଼ାନ୍ତ କରାଯିବ ୟ ଏଥିରେ ପ୍ରଗତିଶୀଳ ଚାଷୀମାନେ ମଧ୍ୟ ସଦସ୍ୟ ରହିବେୟ ଜିଲ୍ଲା ଯୋଜନାଗୁଡ଼ିକ ଫସଲ ବିବିଧତା, ଜଳ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ସଂରକ୍ଷଣ, କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଏବଂ ପ୍ରାକୃତିକ ଓ ଜୈବିକ କୃଷିର ପ୍ରସାରଣ ଭଳି ଜାତୀୟ ଲକ୍ଷ୍ୟ ସହ ସଂଯୁକ୍ତ ହେବୟ ପ୍ରତ୍ୟେକ ଧନ-ଧାନ୍ୟ ଜିଲ୍ଲାରେ ପ୍ରତି ମାସରେ ଏକ ଡ୍ୟାସବୋର୍ଡ ମାଧ୍ୟମରେ ୧୧୭ଟି ପ୍ରମୁଖ କାର୍ଯ୍ୟଦକ୍ଷତା ସୂଚକ ଉପରେ ଯୋଜନାର ଅଗ୍ରଗତି ତଦାରଖ କରାଯିବ। ନୀତି ଆୟୋଗ ମଧ୍ୟ ଜିଲ୍ଲା ଯୋଜନାଗୁଡ଼ିକର ସମୀକ୍ଷା ଏବଂ ମାର୍ଗଦର୍ଶନ କରିବ। ଏହାବ୍ୟତୀତ ପ୍ରତ୍ୟେକ ଜିଲ୍ଲା ପାଇଁ ନିଯୁକ୍ତ କେନ୍ଦ୍ରୀୟ ନୋଡାଲ ଅଧିକାରୀମାନେ ମଧ୍ୟ ନିୟମିତ ଭାବରେ ଯୋଜନାର ସମୀକ୍ଷା କରିବେ ।ଏହି ୧୦୦ଟି ଜିଲ୍ଲାରେ ଲକ୍ଷ୍ୟ ଆଧାରିତ ଫଳାଫଳରେ ଉନ୍ନତି ହେବା ସହିତ, ଦେଶର ପ୍ରମୁଖ କାର୍ଯ୍ୟଦକ୍ଷତା ସୂଚକାଙ୍କ ତୁଳନାରେ ସାମଗ୍ରିକ ହାରାହାରି ପ୍ରଦର୍ଶନରେ ମଧ୍ୟ ସୁଧାର ଆସିବୟ ଏହି ଯୋଜନା ଫଳରେ ଅଧିକ ଉତ୍ପାଦକତା, କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ମୂଲ୍ୟ ବୃଦ୍ଧି ସହିତ ସ୍ଥାନୀୟ ଜୀବିକା ସୃଷ୍ଟି ହେବ। ଘରୋଇ ଉତ୍ପାଦନ ବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା (ଆତ୍ମନିର୍ଭର ଭାରତ) ହାସଲ ହୋଇପାରିବ ।ଏହି ୧୦୦ଟି ଜିଲ୍ଲାର ସୂଚକାଙ୍କରେ ଉନ୍ନତି ହେବା ସହିତ, ଜାତୀୟ ସୂଚକାଙ୍କଗୁଡ଼ିକ ସ୍ୱୟଂଚାଳିତ ଭାବରେ ଏକ ଊର୍ଦ୍ଧ୍ୱଗାମୀ ଗତିପଥରେ ଅଗ୍ରସର ହେବ।

# ସାପ କାମୁଡାର ପ୍ରାଥମିକ ଚିକିତ୍ସା ଓ ବନ୍ୟପ୍ରାଣୀ ଆଇନ ସଚେତନତା କାର୍ଯ୍ୟକ୍ରମ

କୁକୁଡାଖଣ୍ଡି, ୧୬।୭(ନି.ପ୍ର.): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ବାଲିପଡା ସ୍ଥିତ ମହୁରୀ କାଳୁଆ ଜୁନିୟର କଲେଜରେ ବିଶ୍ୱ ସର୍ପ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାପ କାମୁଡାର ପ୍ରାଥମିକ ଚିକିତ୍ସା ଓ ବନ୍ୟପ୍ରାଣୀ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲ୍ଲାରେ ଦେଖାଯାଉଥିବା ସାପକୁ ଚିହ୍ନିବା, ସାପ କାମୁଡିଲେ ପ୍ରାଥମିକ ଚିକିତ୍ସା, ସମେତ ବନ୍ୟପ୍ରାଣୀ ଆଇନରେ ସାପର ସୁରକ୍ଷାକୁ ନେଇ ଥିବା ପ୍ରାବଧାନ ବିଷୟରେ ପିପିଟି ମାଧ୍ୟମରେ ବୁଝା ଯାଇଥିଲା। ଏହାପରେ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମରେ ଯେଉଁସବୁ ବିଷୟ ବୁଝା ଯାଇଥିଲା ସେଥିମଧ୍ୟରୁ କିଛି ବିଷୟକୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସଠିକ ଉତ୍ତର ପ୍ରଦାନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।

ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ବିଷୋୟୀ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଉମେଶ କୁମାର ପାତ୍ର, ଏ. ସତ୍ୟ ନାରାୟଣ ସେନାପତି, ତ୍ରିପତି ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ୧୦ ଜଣ ସର୍ପ ଉଦ୍ଧାରକଙ୍କୁ ସମ୍ମାନିତ କରାଯାଇଥିଲା। ବ୍ରହ୍ମପୁର ସବୁଜ ବାହିନୀ କୋଷାଧ୍ୟକ୍ଷ ଏମ. ଦିଲ୍ଲୀପ କୁମାର ମଞ୍ଚ ପରିଚାଳନା କରିଥିବା ବେଳେ ଷ୍ଟେପ ଅନ ନେଚରର ସଂଯୋଜକ ସ୍ୱାଧୀନ ସାହୁ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏଥିରେ ଆଞ୍ଚଳିକ ବିକାଶ ପରିଷଦର ବିଜେନ୍ଦ୍ର ମାଝୀ, ଧର୍ମରାଜ ପାତ୍ର, ନଳିନୀକାନ୍ତ ପରିଡା, ସବୁଜ ବାହିନୀର ଏ. ପ୍ରକାଶ, ଗଣେଶ ପାଣିଗ୍ରାହୀ, ଅରବିନ୍ଦ ଦେଶୀବେହେରା, ଷ୍ଟେପ ଅନ ନେଚରର ଶ୍ରୀକାନ୍ତ ନାହାକ, ସନ୍ଦୀପ ସେଠୀ, ତାରା ପ୍ରସାଦ ଦାଶ, ତ୍ରିଲୋଚନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଭାରତ-ୟୁକେ ସହଯୋଗର ଶିକ୍ଷା ସ୍ତମ୍ଭକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ - ଧର୍ମେନ୍ଦ୍ର ପ୍ରଧାନ




ଗୁରୁଗ୍ରାମ, ୧୬।୭(ନି.ପ୍ର.): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀଙ୍କ ସହ ଗୁରୁଗ୍ରାମରେ ୟୁକେର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଉଥ୍ ଆମ୍ପଟନ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ନୂଆ କରି ସ୍ଥାପିତ ହୋଇଥିବା ଭାରତ କ୍ୟାମ୍ପସକୁ ଉଦଘାଟନ କରିଛନ୍ତି ।

ଶ୍ରୀ ପ୍ରଧାନ ଏ ନେଇ ଖୁସିବ୍ୟକ୍ତ କରିବା ସହ କହିଛନ୍ତି, ଜାତୀୟ ଶିକ୍ଷା ନୀତି ଅଧୀନରେ ଦେଶରେ ଶିକ୍ଷାର ଆନ୍ତର୍ଜାତୀୟକରଣ ଦିଗରେ ଏହା ଅନ୍ୟତମ ପଦକ୍ଷେପ ୟ ବିଶେଷ ଭାବରେ ଭାରତ-ୟୁକେ ରୋଡମ୍ୟାପ୍ ୨୦୩୦ରେ ପରିକଳ୍ପିତ ଭାରତ-ୟୁକେ ସହଯୋଗର ଶିକ୍ଷା ସ୍ତମ୍ଭକୁ ମଜବୁ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ୟ ଲେଟର ଅଫ୍ ଇଣ୍ଟେଣ୍ଟ୍(ଏଲଓଆଇ) ପାଇବାର ବର୍ଷକ ମଧ୍ୟରେ ଗୁରୁଗ୍ରାମରେ ଏହି ଅତ୍ୟାଧୁନିକ କ୍ୟାମ୍ପସ୍ ସ୍ଥାପନ କରିବା ପାଇଁ ଶ୍ରୀ ପ୍ରଧାନ ସାଉଥ୍ ଆମ୍ପଟନ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକୁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି ୟ ଏହି କ୍ୟାମ୍ପସ୍ ଭବିଷ୍ୟତକୁ ଦୃଷ୍ଟିରେ ରଖି ପାଠ୍ୟକ୍ରମ ପ୍ରସ୍ତୁତ କରିବ। ସାଉଥ୍ ଆମ୍ପଟନ୍ର ଶୈକ୍ଷିକ ଉତ୍କର୍ଷତାର ଐତିହ୍ୟ ସହିତ ଆଗାମୀ ପିଢିର ନେତୃତ୍ୱ ଗଠନ କରିବା ଦିଗରେ ଏହା ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନ ଭାବରେ ଉଭା ହେବ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମତରେ ଶିକ୍ଷା ହେଉଛି ଭାରତ ଏବଂ ୟୁକେ ମଧ୍ୟରେ ଏକ ଜୀବନ୍ତ ସେତୁ ୟ ସାଉଥ୍ ଆମ୍ପଟନ୍ ବିଶ୍ୱବିଦ୍ୟାଳୟର ଗୁରୁଗ୍ରାମ କ୍ୟାମ୍ପସ୍ର ଉଦଘାଟନ ସେହି ସେତୁକୁ ଆହୁରି ମଜବୁ କରିବାର ଏକ ଅବସର । ଏହି କ୍ୟାମ୍ପସ୍ ନୂତନ ସମନ୍ୱୟ ସୃଷ୍ଟି କରିବ। ଉଲ୍ଲାସ ଏବଂ ଉତ୍କର୍ଷତାର ଏକ ନୂତନ ସଂସ୍କୃତିକୁ ପ୍ରୋତ୍ସାହିତ କରିବ । ଛାତ୍ରଛାତ୍ରୀମାନଙ୍କୁ ସୁଲଭ ମୂଲ୍ୟରେ ସ୍ୱଦେଶରେ ବିଶ୍ୱସ୍ତରୀୟ ଶିକ୍ଷା ପାଇବା ପାଇଁ ଏକ ଅତିରିକ୍ତ ବିକଳ୍ପ ପ୍ରଦାନ କରିବ। ଏହି ଅବସରରେ ଶ୍ରୀ ପ୍ରଧାନ ସାଉଥ୍ ଆମ୍ପଟନ୍ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଲୋକାର୍ପିତ ଗୁରୁଗ୍ରାମ କ୍ୟାମ୍ପସରେ ଷ୍ଟେମ୍ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ସେ ଆହୁରି କହିଛନ୍ତି ଯେ ଏହି କ୍ୟାମ୍ପସ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ସମାଧାନର କେନ୍ଦ୍ର ହେବା ଉଚିତ । ଆମେ ଭାରତର ବିକାଶରେ ଶିକ୍ଷାକୁ କେନ୍ଦ୍ରରେ ରଖିଛୁ । ଦେଶରେ ଶିକ୍ଷାର ଆନ୍ତର୍ଜାତୀୟକରଣ ମାଧ୍ୟମରେ ଆମେ ଭାରତକୁ ଏକ ବିଶ୍ୱସ୍ତରୀୟ ଜ୍ଞାନର ପେଣ୍ଠସ୍ଥଳି ଭାବରେ କଳ୍ପନା କରୁଛୁ । ଭାରତର ସଭ୍ୟତାମୂଳକ ଐତିହ୍ୟକୁ ପୁନରୁଦ୍ଧାର କରିବା ସହ ପୁଷ୍ପଗିରି, ନାଳନ୍ଦାରୁ ଗୁରୁଗ୍ରାମ ପର୍ଯ୍ୟନ୍ତ ଆମର ବୌଦ୍ଧିକ ଐତିହ୍ୟକୁ ପୁନର୍ଜୀବିତ କରୁଛୁ ୟ ଶ୍ରୀ ପ୍ରଧାନ ବିଶ୍ୱର ଅନ୍ୟ ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନବସୃଜନ, ଗବେଷଣା ଏବଂ ଶିକ୍ଷାର ଇକୋସିଷ୍ଟମ ପାଇଁ ଭାରତ ଆସିବାକୁ ନିମନ୍ତ୍ରଣ ଦେବା ସହ ମିଳିତ ଭାବରେ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ତଥା ନବସୃଜନ ଏବଂ ପ୍ରଗତିକୁ ଆଗେଇ ନେବା ପାଇଁ ସେ ଆହ୍ୱାନ କରିଛନ୍ତି ।

# ପୁରୁଣା ୱାରେଂଟି ଗିରଫ ଓ କୋର୍ଟ ଚାଲାଣ

କୋରାପୁଟ, ୧୬।୭(ନି.ପ୍ର.): ସୁନାବେଡା ଥାନାର କିଡନ୍ପିଙ୍ଗ ମାମଲାର ପୁରୁଣା ୱାରେଂଟି ଗିରଫ ଓ କୋର୍ଟ ଚାଲାଣ ହୋଇଥିବା ସୂଚନାମିଳିଛି। ୱାରେଂଟି ଗୋବିନ୍ଦ ହନ୍ତାଳ କେସ ନମ୍ବର ୧୫୩/୨୦୨୩ ମାମଲାରେ ସୁନାବେଡା ଥାନାରେ ମାମଲା ରହିଥିଲା। ଅଭିଯୁକ୍ତ ହନ୍ତାଳ ମାମଲା ପର ଠାରୁ ଫେରାର ଥିବା ବେଳେ ସୁନାବେଡା ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଘଟଣା ୨୦୨୩ ମସିହାରେ କିଡନ୍ପିଙ୍ଗ ମାମଲାରେ ସାମିଲ ଥିବା ବେଳେ ଅନ୍ୟ ସହ ଯୋଗିମାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା, କିନ୍ତୁ ଘଟଣା ଠାରୁ ଅଭିଯୁକ୍ତ ହନ୍ତାଳ ଫେରାର ଥିବା ବେଳେ ପୋଲିସ ଗିରଫ କରିବା ନେଇ ଖାନ ତଲାସି ଜାରି ରଖିଥିଲା। ସୁନାବେଡା ଆଇଆଇସି ସୁସମା କଅଁର ଅଭିଯୁକ୍ତକୁ ଧରିବା ନେଇ ଏକଟିମ ଗଠନ କରିଥିଲେ। ଟିମ ଲିଡର ଭାବେ ଏ.ଏସ.ଆଇ ବି.କେ ରଥ ରହିଥିବା ବେଳେ ଅନ୍ୟ ସହ ଯୋଗିମାନଙ୍କ ସହାୟତାରେ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲେ। ମଙ୍ଗଳବାର ଦିନ କିଛି ଖବର ପାଇ ଆଇଆଇସି ଗଠନ କରିଥିବା ଟିମକୁ ଅଭିଯୁକ୍ତ ଥିବା ଜାଗାକୁ ପଠାଇଥିଲେ। ଅଭିଯୁକ୍ତ ଦାମନଯୋଡି ସେକ୍ଟର ୩ ର ଡି. ଜୋନ ଛକରେ ଥିବା ସମୟରେ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। ଗିରଫ ପରେ ଅଭିଯୁକ୍ତ ହନ୍ତାଳକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଗିରଫ କରିବା ସମୟରେ ପୋଲିସର ଅନ୍ୟ ସହ ଯୋଗିମାନଙ୍କ ଭିତରେ ଅର୍ଜୁନ ପାଙ୍ଗି ଓ ବି. ମୁଦୁଲି ରହିଥିଲେ।

# କିମ୍ସରେ ଓଡ଼ିଶାର ପ୍ରଥମ ସଫଳ ବହୁ-ଅଙ୍ଗ ପ୍ରତିରୋପଣ

ଭୁବନେଶ୍ୱର, ୧୬।୭: କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମ୍ସ)ରେ ବହୁ-ଅଙ୍ଗ ପ୍ରତିରୋପଣ ସଫଳତାର ସହ କରାଯାଇଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଦୁଇଟି ଅଙ୍ଗ କିମ୍ସରେ ସଫଳତାର ସହ ପ୍ରତିରୋପଣ କରାଯାଇଛି। ନୟାଗଡ଼ର ୩୭ ବର୍ଷ ବୟସ୍କ ଯୁବକ ସୌମ୍ୟ ରଞ୍ଜନ ବେହେରାଙ୍କ ବ୍ରେନ୍ ଷ୍ଟ୍ରୋକ୍ ହେବା ପରେ ଜୁଲାଇ ୧୦ ତାରିଖରେ ତାଙ୍କୁ କିମ୍ସରେ ଭର୍ତ୍ତି କରାଯାଇଥିଲା। କିମ୍ସ ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ସୌମ୍ୟଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିନଥିଲା। ଏଭଳି ପରିସ୍ଥିତିରେ ସୌମ୍ୟଙ୍କ ଅଙ୍ଗ ଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ସୌମ୍ୟଙ୍କ ପରିବାର ଚିନ୍ତା କରିଥିଲେ। କିମ୍ସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଏହା ସମ୍ଭବ ହୋଇପାରିଥିଲା। ସୌମ୍ୟଙ୍କଠାରୁ ଦୁଇଟି ବୃକ୍କ ଏବଂ ଯକୃତ କଢାଯାଇ ଗୋଟିଏ ବୃକ୍କ କଟକର ଏସସିବି ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ପଠାଯାଇଥିଲା। ଅନ୍ୟ ବୃକ୍କ ଏବଂ ଯକୃତ କିମ୍ସରେ ଦୁଇଜଣ ରୋଗୀଙ୍କଠାରେ ସଫଳ ପ୍ରତିରୋପଣ କରାଯାଇଥିଲା। ଏହା ଗୁରୁତର ଦୁଇ ରୋଗୀଙ୍କୁ ନୂତନ ଜୀବନ ପ୍ରଦାନ କରିଥିଲା।

# ୬ ମାସ ହେଲା ଷ୍ଟେଟ ବ୍ୟାଙ୍କ ଏଟିଏମ ବନ୍ଦ, ଗ୍ରାହକ ହନ୍ତସନ୍ତ

ବୁଗୁଡ଼ା, ୧୬।୭(ନି.ପ୍ର.): ଗ୍ରାହକଙ୍କ ସୁବିଧା ପାଇଁ ବୁଗୁଡ଼ାର ଦୁଇଟି ସ୍ଥାନରେ ଷ୍ଟେଟ ବ୍ୟାଙ୍କ ତରଫରୁ ଏଟିଏମ ସ୍ଥାପନ ହୋଇଥିଲା ।ଗୋଟିଏ ଏଟିଏମ ଷ୍ଟେଟ ବ୍ୟାଙ୍କ କଡ଼ରେ ଥିବା ବେଳେ ଦ୍ୱିତୀୟଟି ନୂଆଁ ବସଷ୍ଟାଣ୍ଡ ନିକଟରେ ଥିଲା ।ବର୍ତ୍ତମାନ ଷ୍ଟେଟ ବ୍ୟାଙ୍କ ସହର ଠାରୁ ଦୂର କଲେଜ ରୋଡ଼ ଆଡକୁ ଘୁଞ୍ଚି ଯାଇଥିବା ବେଳେ ନୂଆଁ ବସଷ୍ଟାଣ୍ଡ ନିକଟରେ ଥିବା ଏଟିଏମ ଦୀର୍ଘ ୬ ମାସ ହେଲା ବନ୍ଦ ହୋଇ ରହିଛି । ସହର ମଧ୍ୟ ଭାଗରେ ନୂଆଁ ବସଷ୍ଟାଣ୍ଡ ଓ ବିଇଓ ଅଫିସ ସାମ୍ନାରେ ଥିବା ଏହି ଏଟିଏମ ଉପରେ ସର୍ବାଧିକ ଗ୍ରାହକ ନିର୍ଭର କରୁଥିବା ବେଳେ ଏହି ଏଟିଏମ ବନ୍ଦ ହୋଇ ରହିବା ଫଳରେ ଗ୍ରାହକମାନଙ୍କୁ ହନ୍ତସନ୍ତ ହେବାକୁ ପଡୁଛି କ୍ଷ ଜନସାଧାରଣଙ୍କ ସୁବିଧା ପାଇଁ ଏହି ଏଟିଏମକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି କ୍ଷ ଏ ନେଇ ବ୍ୟାଙ୍କ କତୃପକ୍ଷଙ୍କୁ ପଚାରିବାରେ ଏହି ଏଟିଏମ ଖୋଲିବା ପାଇଁ ନୂଆଁ ଏଜେନସି ଦାୟିତ୍ୱ ନେଇଛି ତେବେ ଉକ୍ତ ଏଜେନ୍ସି କମ୍ପାନି ଏଟିଏମ ଖୋଲିବାରେ ଅବହେଳା କରୁଥିବା କହିଛନ୍ତି ।

# ଅକ୍ଷୟ ଶକ୍ତି କ୍ଷମତା ସ୍ଥାପନ ଲାଗି ଏନଟିପିସି ଲିମିଟେଡକୁ ଅଧିକ କ୍ଷମତା ପ୍ରଦାନ କଲା କେନ୍ଦ୍ର କ୍ୟାବିନେଟ୍

ନୂଆଦିଲ୍ଲୀ, ୧୬।୭(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ନିବେଶ ପାଇଁ ଏନଟିପିସି ଲିମିଟେଡକୁ ଅଧିକ କ୍ଷମତା ପ୍ରଦାନ କରାଯାଇଛି । ମହାରତ୍ନ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ କ୍ଷମତା ପ୍ରଦାନ ଲାଗି ପ୍ରଚଳିତ ମାର୍ଗଦର୍ଶିକା ଅନୁଯାୟୀ, ଏହି କ୍ଷମତା ପ୍ରଦାନ କରାଯାଇଛି। ଏନଟିପିସି ଲିମିଟେଡ୍ ଏହି କ୍ଷମତା ବଳରେ ନିଜର ସହାୟକ କମ୍ପାନୀ ଏନଟିପିସି ସବୁଜ ଶକ୍ତି ଲିମିଟେଡ୍ (ଏନଜିଇଏଲ)ରେ ନିବେଶ କରିପାରିବ। ଏହା ପରେ ଏନଜିଇଏଲ ଦ୍ୱାରା ଏନଟିପିସି ଅକ୍ଷୟ ଶକ୍ତି ଲିମିଟେଡ୍ (ଏନଆରଇଏଲ) ଓ ଏହାର ଯୌଥ/ସହାୟକ ଉଦ୍ୟୋଗରେ ନିବେଶ କରାଯାଇ ପାରିବ ।ଏହି ନିବେଶ କ୍ଷମତା ୭,୫୦୦ କୋଟି ଟଙ୍କାରୁ ୨୦,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପୂର୍ବ ଅନୁମୋଦିତ ସୀମା ଠାରୁ ଅଧିକ ହେବ। ଫଳରେ ୨୦୩୨ ସୁଦ୍ଧା ୬୦ ଗିଗାୱାଟ୍ ଅକ୍ଷୟ ଶକ୍ତି କ୍ଷମତା ହାସଲ ଲାଗି ଅଧିକ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ସମ୍ଭବ ହେବ। ଏନଟିପିସି ଏବଂ ଏନଜିଇଏଲକୁ ଦିଆଯାଇଥିବା ବର୍ଦ୍ଧିତ କ୍ଷମତା ଦେଶରେ ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡ଼ିକର ତ୍ୱରିତ ବିକାଶକୁ ସହଜ କରିବ। ଏହି ପଦକ୍ଷେପ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବ। ଏହାସହିତ ସାରା ଦେଶରେ ଭରସାଯୋଗ୍ୟ ତଥା ୨୪ ଘଣ୍ଟା ବିଦ୍ୟୁତ ଯୋଗାଣ ଲାଗି ନିବେଶ ସୁନିଶ୍ଚିତ କରିବା କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡ଼ିକ ନିର୍ମାଣ, କାର୍ଯ୍ୟ ଓ ମରାମତି ପର୍ଯ୍ୟାୟରେ ସ୍ଥାନୀୟ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବୟ ଏହା ସ୍ଥାନୀୟ ଯୋଗାଣକାରୀ, ସ୍ଥାନୀୟ ଉଦ୍ୟୋଗ / ଏମଏସଏମଇଗୁଡ଼ିକୁ ପ୍ରୋତ୍ସାହନ ପ୍ରଦାନ କରିବ। ଏହାଛଡ଼ା ଦେଶର ନିଯୁକ୍ତି ଏବଂ ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ସହିତ ଦେଶ ଭିତରେ ଉଦ୍ୟୋଗ ସୁଯୋଗକୁ ପ୍ରୋତ୍ସାହିତ କରିବ। ଭାରତ ଏହାର ସବୁଜ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଯାତ୍ରାରେ ଏକ ଐତିହାସିକ ସଫଳତା ହାସଲ କରିଛିୟ ଏହା ଅଣ-ଜୀବାଶ୍ମ ଇନ୍ଧନ ଉତ୍ସରୁ ସ୍ଥାପିତ ବିଦ୍ୟୁ କ୍ଷମତାର ୫୦% ଲକ୍ଷ୍ୟ ହାସଲ କରିଛି। ପ୍ୟାରିସ ଚୁକ୍ତିନାମାରେ ଜାତୀୟସ୍ତରରେ ନିର୍ଦ୍ଧାରିତ ଯୋଗଦାନ ଅନୁଯାୟୀ ଧାର୍ଯ୍ୟ ସମୟସୀମାଠାରୁ ପାଞ୍ଚ ବର୍ଷ ପୂର୍ବରୁ ଭାରତ ଏହି ଲକ୍ଷ୍ୟ ହାସଲ କରିଛି ।

# ବ୍ରଏଲର କୁକୁଡା ଫାର୍ମ ନାଁରେ ଲକ୍ଷାଧିକ ଟଙ୍କାର ରିହାତି ବାଟମାରଣା ଅଭିଯୋଗ

ଅସ୍ତରଙ୍ଗ, ୧୬।୭(ନି.ପ୍ର.): ପୁରୀ ଜିଲ୍ଲା ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକରେ ବିଗତ ୫ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ରାଜ୍ୟ ଯୋଜନାରେ ବ୍ୟକ୍ତିଗତ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କରାଯାଇଥିବା ବ୍ରଏଲର କୁକୁଡା ଫାର୍ମ ରେ ବ୍ୟାପକ ଅନିୟମିତତା ଓ ରିହାତି ବାବଦରେ ଆସିଥିବା ଅର୍ଥକୁ ଅସ୍ତରଙ୍ଗ ପ୍ରାଣୀ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟ ଦ୍ୱାରା ବାଟମାରଣା କରାଯାଇଥିବା ଅଭିଯୋଗ ହେଉଛି।

ରାଜ୍ୟ ସରକାରଙ୍କ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ରାଜ୍ୟ ଯୋଜନାରେ ବ୍ୟକ୍ତିଗତ ହିତାଧିକାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ବ୍ରଏଲର କୁକୁଡା ଫାର୍ମ ମାଧ୍ୟମରେ ଦୀର୍ଘ ସ୍ଥାୟୀ କର୍ମ ନିଯୁକ୍ତି ଓ ସ୍ୱାବଲମ୍ବି କରିବା ପାଇଁ ଏହି ଯୋଜନାରେ ସରକାରୀ ରିହାତି ପ୍ରଦାନ କରାଯାଉଛି।

ମାତ୍ର ପୁରୀ ଜିଲ୍ଲା ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକରେ ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର କିଛି ଅସାଧୁ ଅଧିକାରୀ ଓ କର୍ମଚାରୀ ମାନଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ତାହା ଫଳପ୍ରଦ ହୋଇ ପାରୁ ନ ଥିବା ସାଧାରଣରେ ଆଲୋଚନା ହେଉଛିୟ ଗତ ୨୦୧୯ ମସିହା ଠାରୁ ୨୦୨୫ ମସିହା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅସ୍ତରଙ୍ଗ ବ୍ଲକରେ ନଇଗୁଁଆ, ଆଳଙ୍ଗପୁର ଗ୍ରାମ ପଞ୍ଚାୟତ ସମେତ ୧୫ଗୋଟି ଗ୍ରାମ ପଞ୍ଚାୟତରେ ବ୍ୟକ୍ତିଗତ ହିତାଧିକାରୀ ନାମରେ ପୂର୍ବରୁ ଥିବା ପୁରୁଣା ବ୍ରଏଲର କୁକୁଡା ଫାର୍ମକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ କରାଯାଇ ଲକ୍ଷାଧିକ ଟଙ୍କାର ରିହାତି ବାଟମାରଣା ହୋଇଥିବା ଜଣାପଡିଛିୟ ଏହି ବ୍ଲକ ଅନ୍ତର୍ଗତ ଆଳଙ୍ଗପୁର ଗ୍ରାମ ପଞ୍ଚାୟତର ଅଠତିରା ଗ୍ରାମରେ ଥିବା ବ୍ୟକ୍ତିଗତ କୁକୁଡା ଫାର୍ମରେ ଜୟଗୁରୁ ଏସଏଚଜି ନାମରେ ବ୍ରଏଲର କୁକୁଡା ଫାର୍ମ ନିର୍ମାଣ କରା ନ ଯାଇ ସ୍ଥାନୀୟ ଅଧିକାରୀଙ୍କୁ ହାତ କରି ୧ଲକ୍ଷ ୪୪ ହଜାର ଟଙ୍କାର ସରକାରୀ ରିହାତି ବାଟମାରଣା କରାଯାଇଛି।



ସେହିପରି ନଇଗୁଁଆ ଗ୍ରାମ ପଞ୍ଚାୟତର ଡେରୁଣିଆଁ ଗ୍ରାମରେ ଆର୍ଥିକ ବର୍ଷ ୨୦୨୨-୨୩ରେ ପୁରୁଣା ଫାର୍ମରେ ହିତାଧିକାରୀଙ୍କୁ ବ୍ରଏଲର କୁକୁଡା ଫାର୍ମ ନିର୍ମାଣ ନାମରେ ରାଜ୍ୟ ଯୋଜନାରେ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ୭୨ ହଜାର ଟଙ୍କାର ରିହାତି ପ୍ରଦାନ କରାଯାଇଛିୟ ଏହି ବ୍ଲକରେ ଗତ ୫ବର୍ଷ ମଧ୍ୟରେ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ଗ୍ରାମ ପଞ୍ଚାୟତରେ ବ୍ୟକ୍ତିଗତ କୁକୁଡାବ ଫାର୍ମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ନାମ ଲେଖା ଯାଇ କୌଣସି ନୂତନ ଫାର୍ମ ନିର୍ମାଣ କରା ନ ଯାଇ ରାଜ୍ୟ ସରକାରଙ୍କ ପଶୁ ସମ୍ପଦ ବିକାଶ ବିଭାଗର ରାଜ୍ୟ ଯୋଜନାରେ ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ରଏଲର କୁକୁଡା ଫାର୍ମ ନାଁରେ ଲକ୍ଷାଧିକ ଟଙ୍କାର ରିହାତି ପ୍ରଦାନ କରାଯାଇଛି।

ଏହି ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଡାଟା ଏଣ୍ଟ୍ରି ଅପରେଟର ମିଳିତ ଭାବେ ଏହି ବ୍ଲକର ୧୫ଗୋଟି ଗ୍ରାମ ପଞ୍ଚାୟତର ଶିଶୁଅ ଓ କୋରଣା ବିଭିନ୍ନ ଗ୍ରାମରେ ପୁରୁଣା ଫାର୍ମ କୁ ନୂତନ ଭାବେ ନିର୍ମିତ ହୋଇଥିବା ଦର୍ଶାଇ ଲକ୍ଷାଧିକ ଟଙ୍କା ବାଟମାରଣା କରାଯାଇଛି ବୋଲି ଶତାଧିକ ହିତାଧିକାରୀ ମାନେ ପ୍ରକାଶ କରିଛନ୍ତି। ଏହି ମେଗା ଦୁର୍ନୀତି ଓ ଅନିୟମିତତା ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଦାବି କରାଯାଇଛି। ଏ ସମ୍ପର୍କରେ ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖା ସଭାପତି ଓ ଅସ୍ତରଙ୍ଗ ପ୍ରେସ୍ କ୍ଲବ୍ ର ସଭାପତି ଶରତ ପରିଡ଼ା ଜନସୂଚନା ମାଗିଥିଲେ ମାସ ପରେ ମାସ ଗଡ଼ିଯାଇଥିଲେ ମଧ୍ୟ କୌଣସି ସୂଚନା ବିଭାଗୀୟ ଅଧିକାରୀ ପ୍ରଦାନ କରିନଥିଲେୟଏ ସମ୍ପର୍କରେ ଶ୍ରୀ ପରିଡ଼ା ମୁଖ୍ୟମନ୍ତ୍ରୀ ଓଡ଼ିଶା, ବିଭାଗୀୟ ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ, ଜିଲ୍ଲାପାଳ ପୁରୀ, ନିର୍ଦ୍ଦେଶକ ଙ୍କୁ ଲିଖିତ ଅଭିଯୋଗ କରିବା ସହ କହିଥିଲେ ପାଟଳଦା ପଞ୍ଚାୟତ ବରଡିହ ଗ୍ରାମର ଜନୈକ ହିତାଧିକାରୀଙ୍କ ନାମରେ ସରକାରୀ ସମ୍ପତ୍ତି ରେ କୁକୁଡ଼ା ଫାର୍ମ ନାଁ ରେ ସବସିଡି ରିହାତି ହଡ଼ପ କରିବାରେ ସକ୍ଷମ ହୋଇଛନ୍ତି ଉକ୍ତ କୁକୁଡ଼ା ଫାର୍ମ ଯୋଗୁଁ ଗାଁ ରେ ଅଶାନ୍ତି ବାତାବରଣ ସୃଷ୍ଟି ହେଉଛି।

# ସିନିୟର ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ୍ ଚାମ୍ପିଅନସିପ୍ ସାହାଣୀ କପ୍ ୨୫

ବ୍ରହ୍ମପୁର, ୧୬।୭(ନି.ପ୍ର.):): ସ୍ଥାନୀୟ ପୁରୁଣା ବସ୍ ଷ୍ଟାଣ୍ଡ ସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମ ବ୍ରହ୍ମପୁରର ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଏକ ସାମ୍ବାଦିକ ବୈଠକ ଅନୁଷ୍ଠିତ ହୋଇଥିଲାୟ ଏଥିରେ ଉପ ସଭାପତି କେଦାର ନାଥ ଚୌଧୁରୀ, ତାରିଣୀ ଚରଣ ସାମନ୍ତରା, ବିଜୟ କୁମାର ପଟ୍ଟନାୟକ, ରାଜ ନାରାୟଣ ପାତ୍ର, ମନୋଜ କୁମାର ଦାସ, ସମ୍ପାଦକ ଜେ କାମେଶ୍ୱର ରାଓ, ଡମ୍ବୁରୁଧର ଗନ୍ତାୟତ, ବସନ୍ତ ପାଣିଗ୍ରାହୀ, ଡି ଆପ୍ପା ରାଓ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଛନ୍ତି ଯେ, ପ୍ରଥମ ଥର ପାଇଁ ଓଡିଶା ସରକାରଙ୍କ ସହଯୋଗରେ ଓଡିଶା ଫୁଟବଲ୍ ସଂଘ ଓ କ୍ରୀଡା ଏବଂ ଯୁବ ସେବା ବିଭାଗ ତତ୍ତ୍ୱାବଧାନରେ ଗଞ୍ଜାମ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଦ୍ୱାରା ୨୩ ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ୍ ଚାମ୍ପିଅନସିପ୍ ସାହାନି କପ୍ - ୨୦୨୫ ଆୟୋଜନ କରିବାକୁ ଯାଉଛିୟ ଏହି ପରିପ୍ରେକ୍ଷୀରେ ମ୍ୟାଚ୍ ଜୋନ୍ ଗ୍ରୁପ୍-ଏ ମହାତ୍ମା ଗାନ୍ଧୀ ଷ୍ଟାଡିୟମ ବ୍ରହ୍ମପୁର ଠାରେ ହେବାକୁ ଥିବା ବେଳେ ଏହି ପ୍ରତିଯୋଗିତାରେ ଗଞ୍ଜାମ, ଗଜପତି, ନବରଙ୍ଗପୁର ଓ ଭୁବନେଶ୍ୱର ଏବଂ ଗ୍ରୁପ୍-ବି ମୟୁରଭଞ୍ଜ, କୋରାପୁଟ, ମାଲକାନଗିରି, ରାୟଗଡ଼ା ଦଳ ରହିଛନ୍ତି ।ସେହିପରି ଫିକ୍ସଚରରେ ମ୍ୟାଚ୍ ଜୋନରେ ପ୍ରାୟ ୧୨ଟି ପର୍ଯ୍ୟାୟରେ ଦୁଇଟି ପ୍ରକ୍ରିୟା ସମୟ ଯଥା ଅପରାହ୍ନ ୧.୩୦ ମିନିଟ ଠାରୁ ଆରମ୍ଭ କରି ୩.୩୦ ମିନିଟ ପର୍ଯ୍ୟନ୍ତ ସମ୍ପୃକ୍ତ ଅଂଶଗ୍ରହଣକାରୀ ଦଳ ମାନଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ୟ ପ୍ରତିଯୋଗିତାର ଶେଷ ଦିନ ଅର୍ଥା ୨୩ ତାରିଖ ଦିନ ଅପରାହ୍ନ ୪ ଘଣ୍ଟା ସମୟରେ ଉଭୟ ଗ୍ରୁପ୍ ଏ ବିଜେତା ଦଳ ଓ ଗ୍ରୁପ୍ ବି ବିଜେତା ଦଳଙ୍କ ମଧ୍ୟରେ ଘମାଘୋଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇପାରେ, ଯାହା ଖେଳାଳି ଓ ଦର୍ଶକ ମାନଙ୍କୁ ବେଶ୍ ଉତ୍ସାହିତ କରିବ ବୋଲି ସଚିବ ଶ୍ରୀ କାମେଶ୍ୱର ରାଓ ସୂଚନା ଦେଇଛନ୍ତିୟ ଅନ୍ୟ ମାନଙ୍କ ମଧ୍ୟରେ ଏହି ସମ୍ମିଳନୀରେ ବରିଷ୍ଠ ଖେଳାଳି ଗୋପାଳ ପଣ୍ଡା, ରାଜେନ୍ଦ୍ର ସାହୁ, ରଞ୍ଜିତ କୁମାର ପାତ୍ର, ବିଶୁ ପାତ୍ର ଏବଂ କେବିଜି ରବି କୁମାରଙ୍କ ସମେତ ଅନ୍ୟ ଖେଳ ଉଡ଼ିକର କମିଟି ସଦସ୍ୟ ତଥା କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 8895060520, 8178826522 (ବାର୍ତ୍ତା ସମ୍ପାଦକ), Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ